OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 3 [May-Jun] Year 2026*

IJCRM
International Journal of Contemporary Research In Multidisciplinary

*Research Article*

# ଓଡ଼ିଶାର ଝୋଟି, ଚିତା ଓ ମୁରୁଜର ସାଂସ୍କୃତିକ ତାତ୍ପର୍ଯ୍ୟ: ଏକ ନୃତାତ୍ତ୍ୱିକ ଅଧ୍ୟୟନ

**ସାହିଲ କୁମାର ନାୟକ**

ଅତିଥି ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ଭାରତ

**Corresponding Author:** * ସାହିଲ କୁମାର ନାୟକ

**DOI:** https://doi.org/10.5281/zenodo.20704519

**ସାରସଂକ୍ଷେପ**

ଓଡ଼ିଶାର ଗାର୍ହସ୍ଥ୍ୟ ଜୀବନଚର୍ଯ୍ୟା ଓ ଧାର୍ମିକ ପରମ୍ପରାରେ ଝୋଟି, ଚିତା ଓ ମୁରୁଜ କେବଳ ସଜ୍ଜୀକରଣର ଏକ ମାଧ୍ୟମ ନୁହଁ ଅପିତୁ ଏହା ଉତ୍କଳୀୟ ଅସ୍ମିତା, ପ୍ରାକୃତିକ ପରିବେଶ ବିଜ୍ଞାନ ଏବଂ ସାମାଜିକ ସଂହତିର ଏକ ଜୀବନ୍ତ ସ୍ମାରକୀ । ପ୍ରସ୍ତୁତ ପ୍ରବନ୍ଧରେ ଏହି ପାରମ୍ପରିକ ଲୋକକଳାର ସାଂସ୍କୃତିକ ଗୁରୁତ୍ୱକୁ ଏକ ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କରାଯାଇଛି । ସୁଦୂର ପ୍ରାଗୈତିହାସିକ ଗୁହାଚିତ୍ର ଓ ଆଦିମ ଆଭିଚାରିକ କୁହୁକ ବିଶ୍ୱାସରୁ ଜନ୍ମ ନେଇଥିବା ଏହି କଳା, ଓଡ଼ିଶାର ସାନ୍ତାଳ, ଲାଞ୍ଜିଆ ସଉରା ଓ କନ୍ଧ ଆଦି ଜନଜାତିଙ୍କ କାନ୍ଥଚିତ୍ର ସହିତ ଗଭୀର ସଂରଚନାତ୍ମକ ଓ ଚିହ୍ନ ବିଜ୍ଞାନଗତ ସାଦୃଶ୍ୟ ବହନ କରେ । ଚାଉଳ ପିଠଉ ଏବଂ ପ୍ରାକୃତିକ ପଞ୍ଚବର୍ଣ୍ଣ ଗୁଣ୍ଡର ବ୍ୟବହାର ମାଧ୍ୟମରେ ଓଡ଼ିଶାର କୃଷିଭିତ୍ତିକ ଅର୍ଥନୀତି ଓ ଋତୁଚକ୍ର ସହ ଏହି କଳାର ନିବିଡ଼ ସମ୍ପର୍କକୁ ଏଠାରେ ବିଶ୍ଳେଷଣ କରାଯାଇଛି । ମାର୍ଗଶୀର ମାସର ମାଣବସା ଗୁରୁବାର ଓ କାର୍ତ୍ତିକ ବ୍ରତ ଆଦି ବିଭିନ୍ନ ଆଞ୍ଚଳିକ ଓଷାବ୍ରତରେ ଅଙ୍କିତ ହେଉଥିବା ଜ୍ୟାମିତିକ ମଣ୍ଡଳ ମାନସିକ ଏକାଗ୍ରତା ଓ ପାରିପାର୍ଶ୍ୱିକ ବିଜ୍ଞାନର ସଙ୍କେତ ପ୍ରଦାନ କରେ । ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଓ ମଧ୍ୟଯୁଗୀୟ ରୀତିକାବ୍ୟ ଭିତ୍ତିରେ ଏହି କଳା କିଭଳି ଜାତିଗତ ବୈଷମ୍ୟ ଦୂର କରି ସାମାଜିକ ସମାନତା ରକ୍ଷା କରିବାରେ ଏକ ମନୋବୈଜ୍ଞାନିକ ସେତୁ ସଦୃଶ କାର୍ଯ୍ୟ କରିଆସିଛି, ତାହା ପ୍ରବନ୍ଧର ମୂଳ ପ୍ରତିପାଦ୍ୟ ବିଷୟ । ସର୍ବଶେଷରେ, ଆଧୁନିକ ବିଶ୍ୱାୟନ ଓ ପ୍ଲାଷ୍ଟିକ୍ ଉପଭୋକ୍ତାବାଦର ପ୍ରଭାବରେ ଲୁପ୍ତପ୍ରାୟ ଏହି ମୌଳିକ ଲୋକକଳାର ନୃତାତ୍ତ୍ୱିକ ସଂରକ୍ଷଣ ତଥା ପୁନରୁଦ୍ଧାରର ଅପରିହାର୍ଯ୍ୟ ଆବଶ୍ୟକତା ଉପରେ ଏକ ସଂକ୍ଷିପ୍ତ ଆଲୋକପାତ କରାଯାଇଅଛି ।

**Manuscript Information**

- **ISSN No:** 2583-7397
- **Received:** 16-05-2026
- **Accepted:** 06-06-2026
- **Published:** 15-06-2026
- **IJCRM:**5(3); 2026: 878-884
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ସାହିଲ କୁମାର ନାୟକ. **ଓଡ଼ିଶାର ଝୋଟି, ଚିତା ଓ ମୁରୁଜର ସାଂସ୍କୃତିକ ତାତ୍ପର୍ଯ୍ୟ: ଏକ ନୃତାତ୍ତ୍ୱିକ ଅଧ୍ୟୟନ.** Int J Contemp Res Multidiscip. 2026;5(3):878-884.

**Access this Article Online**

www.multiarticlesjournal.com

**ମୁଖ୍ୟ ଶବ୍ଦାବଳୀ:** ଝୋଟି-ଚିତା, ମୁରୁଜ, ନୃତାତ୍ତ୍ୱିକଅଧ୍ୟୟନ, ଜନଜାତିକଳା,ଚିହ୍ନବିଜ୍ଞାନ,ମଣ୍ଡଳ, ସଂସ୍କୃତି-ପରମ୍ପରା।



© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଉପକ୍ରମ**

ଉତ୍କଳୀୟ ସଂସ୍କୃତି ଏକ ଅପୂର୍ବ ମହାସାଗର, ଯହିଁରେ ଆଧ୍ୟାତ୍ମିକତା ସହିତ କଳାତ୍ମକତାର ଏକ ଅପୂର୍ବ ମଣିକାଞ୍ଚନ ସଂଯୋଗ ଘଟିଅଛି। ଏହି ପବିତ୍ର ଭୂମିର ଧୂଳିକଣାରେ କଳା, ଗୀତ ଏବଂ ଭକ୍ତିର ଅମୃତ ରସ ପ୍ରବାହିତ । ଓଡ଼ିଆ ଜୀବନଚର୍ଯ୍ୟାରେ ଧର୍ମ ଏବଂ କଳା ପରସ୍ପରଠାରୁ ବିଚ୍ଛିନ୍ନ ନୁହନ୍ତି, ବରଂ ସେମାନେ ଏକ ପ୍ରାଣ, ଦୁଇଟି ଶରୀର । ସେହିପରି ଏକ ନିବିଡ଼ ସାରସ୍ୱତ ତଥା ନୃତାତ୍ତ୍ୱିକ ଅଭିବ୍ୟକ୍ତି ହେଉଛି 'ଆଲିମ୍ପନ' ବା ସାଧାରଣ ଭାଷାରେ ଝୋଟି, ଚିତା ଏବଂ ମୁରୁଜ । ଏହା କେବଳ ଗୃହକୋଣର ଏକ ରଙ୍ଗୀନ ଆଭୂଷଣ ନୁହେଁ, ବରଂ ଏହା ଉତ୍କଳୀୟ ନାରୀର ହୃଦୟର ସ୍ପନ୍ଦନ, ପ୍ରକୃତି ସହ ମାନବର ନିଭୃତ ଆଳାପ ଏବଂ ଶାସ୍ତ୍ରୀୟ ପରମ୍ପରାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଚିତ୍ରକଳାର ଇତିହାସ ଅତି ପ୍ରାଚୀନ । ମାନବ ଯେତେବେଳେ ଭାଷା ଶିଖି ନଥିଲା, ସେତେବେଳେ ସେ ନିଜର ଭାବକୁ ପ୍ରକାଶ କରିବା ପାଇଁ ଗୁହାଚିତ୍ରର ଆଶ୍ରୟ ନେଇଥିଲା । କାଳକ୍ରମେ ସେହି ଚିତ୍ରକଳା ସଭ୍ୟତାର ବିକାଶ ସହିତ ପରିମାର୍ଜିତ ହୋଇ ଧାର୍ମିକ ବିଶ୍ୱାସର ଏକ ଅଙ୍ଗ ପାଲଟିଗଲା । ଓଡ଼ିଶାରେ ଏହି କଳା ରୂପାନ୍ତରିତ ହୋଇଛି ଝୋଟି, ଚିତା ଓ ମୁରୁଜରେ । ପଲ୍ଲୀବଧୂର କୋମଳ ଆଙ୍ଗୁଠିରୁ ନିସୃତ ହେଉଥିବା ପିଠଉର ଧାରା ଯେତେବେଳେ ଗୋବରଲିପା ଅଗଣାରେ କାବ୍ୟିକ ରୂପ ନିଏ, ସେତେବେଳେ ମନେହୁଏ ସାକ୍ଷାତ ମହାଲକ୍ଷ୍ମୀଙ୍କ ଚରଣ କମଳ ଅବତରି ଆସିଛି । ଏହି ପ୍ରବନ୍ଧରେ ଆମେ ଏହି ପ୍ରାଚୀନ ଲୋକକଳାର ନୃତାତ୍ତ୍ୱିକ, ସାମାଜିକ, ସାହିତ୍ୟିକ ଏବଂ ଦାର୍ଶନିକ ଦିଗ ଉପରେ ଏକ ଗଭୀର ପର୍ଯ୍ୟାଲୋଚନା କରିବା ।

**ନୃତାତ୍ତ୍ୱିକ ପୃଷ୍ଠଭୂମି: ଆଦିମତାରୁ ଶାସ୍ତ୍ରୀୟତା**

ନୃତତ୍ତ୍ୱ ବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କଲେ, ଆଲିମ୍ପନ କଳା ହେଉଛି ମାନବୀୟ ସଭ୍ୟତାର ସୁଦୂର ଅତୀତର ଏକ ଜୀବନ୍ତ ସ୍ମାରକୀ। ଆଦିମ ମାନବ ପ୍ରକୃତିର ଅଜ୍ଞାତ ଶକ୍ତି, ବଜ୍ର, ବିଦ୍ୟୁତ, ବନ୍ୟା ଏବଂ ବ୍ୟାଘ୍ର ଆଦି ପ୍ରତି ଭୟଭୀତ ଥିଲା । ସେହି ଅଦୃଶ୍ୟ ଓ ପ୍ରକୃତିର ଭୟଙ୍କର ଶକ୍ତିକୁ ସନ୍ତୁଷ୍ଟ କରିବା ପାଇଁ ଏବଂ ନିଜର ଗୃହ, ପରିବାରକୁ ରକ୍ଷା କରିବା ପାଇଁ ସେ କିଛି ଆଭିଚାରିକ ବା କୁହୁକ ଚିହ୍ନ ଅଙ୍କନ କରୁଥିଲା । ଏହି ସଙ୍କେତଗୁଡ଼ିକ ହିଁ ପରବର୍ତ୍ତୀ ସମୟରେ ଝୋଟି ଏବଂ ଚିତାର ଆଦିମ ରୂପ ଗ୍ରହଣ କଲା । ଓଡ଼ିଶାର ଜନଜାତି ବା ଆଦିବାସୀ ସଂସ୍କୃତି ସହିତ ଏହି କଳାର ସମ୍ପର୍କ ଅତି ନିବିଡ଼ । ଶବର, ସାନ୍ତାଳ, ଜୁଆଙ୍ଗ ଏବଂ କନ୍ଧ ଆଦି ଜନଜାତିଙ୍କ ମଧ୍ୟରେ ଗୃହର କାନ୍ଥ ଏବଂ ଚଟାଣରେ ବିଭିନ୍ନ ପ୍ରକାରର ଜ୍ୟାମିତିକ ଚିତ୍ର କରିବାର ପରମ୍ପରା ରହିଛି, ଯାହାକୁ ସେମାନେ ସାଂସ୍କୃତିକ ପବିତ୍ରତାର ପ୍ରତୀକ ମାନନ୍ତି । ସାନ୍ତାଳମାନଙ୍କର 'ସୋହରାଇ' ଚିତ୍ରକଳା ଏବଂ ଲାଞ୍ଜିଆ ସଉରାମାନଙ୍କର 'ଇଦିତାଲ୍' କାନ୍ଥଚିତ୍ର ଏହାର ଜ୍ୱଳନ୍ତ ଉଦାହରଣ । ନୃତତ୍ତ୍ୱବିତ୍ ମାନଙ୍କ ମତରେ, ଏହି ଜନଜାତି କଳାରୁ ହିଁ ଶାସ୍ତ୍ରୀୟ ଓଡ଼ିଆ ସଂସ୍କୃତିର ଝୋଟି ଓ ଚିତାର ଜନ୍ମ ହୋଇଅଛି । ଏହା ସୂଚାଇଦିଏ ଯେ, ଆଲିମ୍ପନ କେବଳ ଆର୍ଯ୍ୟ ସଂସ୍କୃତିର ଅବଦାନ ନୁହେଁ, ବରଂ ଏହା ଆର୍ଯ୍ୟ ଓ ଆର୍ଯ୍ୟେତର (ଶବର) ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ।

**ଶବ୍ଦାବଳୀର ବ୍ୟୁତ୍ପତ୍ତିଗତ ଓ ଆଭିଧାନିକ ବିଶ୍ଳେଷଣ**

ଓଡ଼ିଆ ଶବ୍ଦକୋଷ ଏବଂ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ଏହି ତିନୋଟି ଶବ୍ଦର ବିଶେଷ ଗୁରୁତ୍ୱ ରହିଛି:

**ଝୋଟି:** 'ଝୋଟି' ଶବ୍ଦଟି ପ୍ରାକୃତ ଶବ୍ଦ 'ଝୋଟ୍ଟ' ବା ଓଡ଼ିଆ 'ଝୋଟ' (ସୂତ୍ର ବା ଧାରା) ରୁ ଆସିଥାଇପାରେ । ଏହା ମୁଖ୍ୟତଃ ଚାଉଳ ପିଠଉରେ ଆଙ୍ଗୁଠି ସାହାଯ୍ୟରେ ଟଣାଯାଉଥିବା ଲମ୍ବା ସୂତ୍ରାକାର ରେଖାକୁ ବୁଝାଏ । ଗୃହର ଦ୍ୱାରଦେଶ, କାନ୍ଥ ଏବଂ ଚଟାଣରେ ଏହି ଧାରାଗୁଡ଼ିକ ଟଣାଯାଏ ।

**ଚିତା:** 'ଚିତା' ଶବ୍ଦଟି ସଂସ୍କୃତ 'ଚିତ୍ର' ବା 'ଚୈତ୍ୟ' ଶବ୍ଦରୁ ସମ୍ଭୂତ । ଏହାର ଅର୍ଥ ହେଉଛି କୌଣସି ନିର୍ଦ୍ଦିଷ୍ଟ ଚିହ୍ନ ବା ସଙ୍କେତ । ଶରୀରରେ କରାଯାଉଥିବା ଚିତା ପରି, ଗୃହର ଚଟାଣରେ ଦେବଦେବୀଙ୍କର ଆୟୁଧ, ଚରଣ ଚିହ୍ନ ବା ପଦ୍ମଫୁଲର ଚିତ୍ରକୁ ଚିତା କୁହାଯାଏ ।

**ମୁରୁଜ:** 'ମୁରୁଜ' ଶବ୍ଦର ଉତ୍ପତ୍ତି ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ରହିଛି । କେତେକ ପଣ୍ଡିତଙ୍କ ମତରେ ସଂସ୍କୃତ 'ମାର୍ଜନ' ବା 'ରଞ୍ଜନ' ଶବ୍ଦରୁ ଏହାର ସୃଷ୍ଟି । ଶୁଖିଲା ରଙ୍ଗୀନ ଗୁଣ୍ଡ (ଶାଗୁଆ, ଧଳା, କଳା, ନାଲି, ହଳଦିଆ) ସାହାଯ୍ୟରେ ଚଟାଣରେ ଯେଉଁ ଚିତ୍ର ଅଙ୍କାଯାଏ, ତାହାକୁ ମୁରୁଜ କୁହାଯାଏ । ହିନ୍ଦୁ କର୍ମକାଣ୍ଡ ଶାସ୍ତ୍ର ଏହାକୁ 'ପଞ୍ଚବର୍ଣ୍ଣ ମୁରୁଜ' ବୋଲି ବର୍ଣ୍ଣନା କରାଯାଇଛି ।

**ପ୍ରାଚୀନ ସାହିତ୍ୟ ଓ ଶିଳାଲେଖରେ ଝୋଟି ଉଲ୍ଲେଖ**

ଓଡ଼ିଶାର ପ୍ରାଚୀନ ସାହିତ୍ୟ ତଥା ଶାସ୍ତ୍ରଗ୍ରନ୍ଥମାନଙ୍କରେ ଚିତା ଏବଂ ମୁରୁଜର ବହୁବିଧ ବର୍ଣ୍ଣନା ମିଳିଥାଏ । ମହାଭାରତ, ରାମାୟଣ ଏବଂ ପରବର୍ତ୍ତୀ ସମୟର ପଞ୍ଚସଖା ସାହିତ୍ୟ ତଥା ରୀତିକାବ୍ୟରେ ଏହାର ଉଲ୍ଲେଖ ରହିଛି ।

ଆଦିକବି ସାରଳା ଦାସଙ୍କ ୧୫ଶ ଶତାବ୍ଦୀର ରଚିତ 'ସାରଳା ମହାଭାରତ'ର ସଭାପର୍ବରେ ଦୁର୍ଯ୍ୟୋଧନଙ୍କ ପାଇଁ ନିର୍ମିତ ସଭାଗୃହର ବର୍ଣ୍ଣନା ପ୍ରସଙ୍ଗରେ ମୁରୁଜର ଉଲ୍ଲେଖ ଦେଖିବାକୁ ମିଳେ:

" ପଞ୍ଚବର୍ଣ୍ଣ ମୁରୁଜ ଯେ ସ୍ଫଟିକର ଚିତା,
ଦେଖିଣ ବିମୋହିତ ହେଲେ କୁରୁନାଥ ସୁତା ।"

ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ତ ଏହି କଳାର ସବୁଠାରୁ ବଡ଼ ସାହିତ୍ୟିକ ସ୍ତମ୍ଭ । ଏହି ଗ୍ରନ୍ଥରେ ମହାଲକ୍ଷ୍ମୀ ନିଜେ ସୁଦଶା ବ୍ରତ ଏବଂ ମାର୍ଗଶୀର ଗୁରୁବାର ଦିନ କିଭଳି ଚିତା ଅଙ୍କନ କରାଯିବ, ତାର ବିଧି ନିର୍ଦ୍ଦେଶ ମଧ୍ୟ କରିଛନ୍ତି :

ଗୋମୟ ଜଳରେ ଘରଦୁଆର ଲିପିବ
ଲକ୍ଷ୍ମୀଦେବୀ ପାଦପଦ୍ମ ଚିତାକୁ ଲେଖିବ

ତାହାକୁ କରିବ ନାନା ଚିତ୍ର ଯେ ବିଚିତ୍ର
ଚାଉଳକୁ ବାଟି ଚିତା ଲେଖିବ ସମସ୍ତ

ଏକବର୍ଣ୍ଣ ଗାଈର ଯେ ଗୋମୟ ଆଣିଲା
ଉତ୍ତମ କରିଣ ଘର ଦୁଆର ଲିପିଲା
ଛଡ଼ାପାଣି ମୁନ୍ଦାଏ ଦୁଆରେ ପକାଇଲା
ଅରୁଆ ଚାଉଳ ବାଟି ଘରେ ଝୋଟିଦେଲା
ଷୋଳକୋଠୀ କରି ଦିବ୍ୟ ପଦ୍ମେକ କଟିଲା

**ଆଧ୍ୟାତ୍ମିକ ଏବଂ ଦାର୍ଶନିକ ତାତ୍ପର୍ଯ୍ୟ**

ଓଡ଼ିଆ ଚିନ୍ତାଚେତନାରେ ଝୋଟି ବା ମୁରୁଜ କେବଳ ଚକ୍ଷୁର ପ୍ରୀତି ସାଧନ କରେନାହିଁ, ଏହା ଆତ୍ମାର ଶୁଦ୍ଧିକରଣ ମଧ୍ୟ କରିଥାଏ । ଯେତେବେଳେ ଜଣେ ନାରୀ ପ୍ରାତଃକାଳରୁ ଉଠି ଗୃହଦ୍ୱାର ସଫା କରି ଗୋବରରେ ଲିପାପୋଛା କରେ, ସେତେବେଳେ ସେ ବାହ୍ୟ ପରିବେଶକୁ ପବିତ୍ର କରେ । ଏହାପରେ ଯେତେବେଳେ ସେ ଏକାଗ୍ର ଚିତ୍ତରେ ଝୋଟି ଅଙ୍କନ କରେ, ତାହା ଏକ ପ୍ରକାରର 'ଧ୍ୟାନ' ବା ଯୋଗରେ ପରିଣତ ହୁଏ । ଝୋଟିରେ ଅଙ୍କିତ ହେଉଥିବା 'ପଦ୍ମ' ହେଉଛି ସୃଷ୍ଟିର ପ୍ରତୀକ, ବିଷ୍ଣୁନାଭିରୁ ଜାତ ବ୍ରହ୍ମାଙ୍କ ଆସନ । ପଦ୍ମ ସଂସାରର ପଙ୍କ ମଧ୍ୟରେ ରହି ମଧ୍ୟ ନିର୍ଲିପ୍ତ ରହିବାର ଶିକ୍ଷା ଦିଏ । ଝୋଟିରେ ଟଣାଯାଉଥିବା ଦୁଇଟି ସମାନ୍ତରାଳ ରେଖା ହେଉଛି ଜୀବାତ୍ମା ଏବଂ ପରମାତ୍ମାର ସଙ୍କେତ । ମୁରୁଜର ପଞ୍ଚବର୍ଣ୍ଣ (ଧଳା, କଳା, ନାଲି, ହଳଦିଆ, ଶାଗୁଆ) ଶରୀରର


© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପଞ୍ଚତତ୍ତ୍ୱ (କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ) କୁ ପ୍ରତିନିଧିତ୍ୱ କରେ । ଏହିପରି ଭାବରେ, ଏକ ସାଧାରଣ ଚିତ୍ର ମଧ୍ୟରେ ଗଭୀର ବେଦାନ୍ତ ଦର୍ଶନ ଲୁଚି ରହିଥାଏ, ଯାହାକୁ ଓଡ଼ିଶାର ପଲ୍ଲୀବଧୂମାନେ ସହଜ ସରଳ ଭାବରେ ସେମାନଙ୍କ ଦୈନନ୍ଦିନ ଜୀବନରେ ରୂପାୟନ କରିଆସୁଛନ୍ତି ।

**ନୃତାତ୍ତ୍ୱିକ ସଂରଚନା ଏବଂ ସାମାଜିକ ବିଭାଜନର ମାନସିକତା**

ଏକ ଗୁରୁତ୍ୱପୂର୍ଣ୍ଣ ନୃତାତ୍ତ୍ୱିକ ଦିଗ ହେଉଛି, ଏହି କଳା ମାଧ୍ୟମରେ ସାମାଜିକ ଗତିଶୀଳତା ଏବଂ ଗୋଷ୍ଠୀଗତ ସଂହତି କିଭଳି ରକ୍ଷା ହେଉଥିଲା । ଓଡ଼ିଶାର ଗ୍ରାମୀଣ ସମାଜରେ ଜାତିଗତ ଭେଦଭାବ ଥିଲେ ହେଁ, ଝୋଟି ଏବଂ ଚିତା ଅଙ୍କନ ସମୟରେ ଏହା ଏକ ସାର୍ବଜନୀନ ରୂପ ଗ୍ରହଣ କରୁଥିଲା । ଲକ୍ଷ୍ମୀ ପୁରାଣରେ ଶ୍ରୀୟା ଚଣ୍ଡାଳୁଣୀର ଗୃହକୁ ମହାଲକ୍ଷୀ ବିଜେ କରିବା ଏବଂ ତାର ହସ୍ତର ଝୋଟିକୁ ପ୍ରଶଂସା କରିବା ଦର୍ଶାଏ ଯେ, ଏହି ଲୋକକଳା ସାମାଜିକ ସମାନତାର ଏକ ଶକ୍ତିଶାଳୀ ମାଧ୍ୟମ ଥିଲା । ଚିତା ଅଙ୍କନ କରିବାର ଶୈଳୀ କୌଣସି ନିର୍ଦ୍ଦିଷ୍ଟ ଉଚ୍ଚ ଜାତିର ଏକଛତ୍ର ଅଧିକାର ନଥିଲା, ବରଂ ଏହା ଉତ୍କଳର ପ୍ରତ୍ୟେକ ନାରୀର ସହଜାତ ପ୍ରତିଭା ଥିଲା ।

ଓଡ଼ିଆ ସଂସ୍କୃତିରେ ଝୋଟି ଏବଂ ଚିତା କୌଣସି କୃତ୍ରିମ ବା ରାସାୟନିକ ରଙ୍ଗରେ ପ୍ରସ୍ତୁତ ହୁଏନାହିଁ। ଏହାର ମୂଳ ଉପାଦାନ ହେଉଛି ଜୀବନଦାତା ଧାନରୁ ଜାତ ଅରୁଆ ଚାଉଳ। ପ୍ରଥମେ ସ୍ୱଚ୍ଛ ଜଳରେ ଅରୁଆ ଚାଉଳକୁ ଭିଜାଇ ରଖାଯାଏ ଏବଂ ପରେ ତାହାକୁ ଶିଳପୁଆରେ ଅତ୍ୟନ୍ତ ସୂକ୍ଷ୍ମ ଭାବେ ବାଟି 'ପିଠଉ' ପ୍ରସ୍ତୁତ କରାଯାଏ। ଏହି ଶୁଭ୍ର ପିଠଉ ହିଁ ଓଡ଼ିଆ ନାରୀର ତୂଳୀର କାମ କରେ।

ଝୋଟି ଟାଣିବା ପାଇଁ ସାଧାରଣତଃ କୌଣସି କୃତ୍ରିମ ବ୍ରଶ୍ ବ୍ୟବହାର କରାଯାଏ ନାହିଁ। ଓଡ଼ିଶାର ପଲ୍ଲୀବଧୂମାନେ ନିଜ ହସ୍ତର ମଧ୍ୟମା ଓ ଅନାମିକା ଆଙ୍ଗୁଠିକୁ ପିଠଉରେ ବୁଡ଼ାଇ ଚଟାଣରେ ସୂକ୍ଷ୍ମ ରେଖାମାନ ଟାଣିଥାନ୍ତି। କେତେକ ସ୍ଥାନରେ ଚାଉଳ ପିଠଉ ମଧ୍ୟରେ ଏକ ସ୍ୱଚ୍ଛ କପଡ଼ା ବା ସୂତା ଗୁଳା (ଯାହାକୁ 'ଚିତା କନା' କୁହାଯାଏ) ବୁଡ଼ାଇ, ତାହାକୁ ହାତ ମୁଠାରେ ଚାପି ଧରି, ବୃଦ୍ଧାଙ୍ଗୁଳି ଓ ସାମ୍ନା ଆଙ୍ଗୁଠିର ମଧ୍ୟବର୍ତ୍ତୀ ସ୍ଥାନ ଦେଇ ପିଠଉର ଧାରାକୁ ଅତି ନିପୁଣତାର ସହ ଚଟାଣରେ ଢାଳିଥାନ୍ତି। ଏହି ସହଜାତ କଳା କୌଣସି ଆଧୁନିକ ଚିତ୍ରକଳା ବିଦ୍ୟାଳୟରୁ ଶିକ୍ଷା ଦିଆଯାଏନାହିଁ, ବରଂ ଏହା ଜେଜେମା'-ଆଈମା'ଙ୍କଠାରୁ ବୋହୂ ଓ ଝିଅମାନଙ୍କୁ ପିଢ଼ି ପରେ ପିଢ଼ି ହସ୍ତାନ୍ତରିତ ହୋଇଆସିଛି।

**ଝୋଟି ଓ ଚିତାର ପାର୍ଥକ୍ୟ ଏବଂ ପ୍ରକାରଭେଦ**

ଓଡ଼ିଶାରେ ଝୋଟି ଏବଂ ଚିତା ଶବ୍ଦ ଦୁଇଟି ପ୍ରାୟତଃ ଏକାଠି ବ୍ୟବହାର କରାଗଲେ ହେଁ, ସାହିତ୍ୟିକ ଓ କାର୍ଯ୍ୟଗତ ଦୃଷ୍ଟିକୋଣରୁ ଏମାନଙ୍କ ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ରହିଛି:

**ଝୋଟି**- ମୁଖ୍ୟତଃ ଚଟାଣ, ପିଣ୍ଡା ଓ ଦ୍ୱାରବେଢ଼ା | ଏହା ସୂତ୍ରାକାର ବା ଲମ୍ବା ରେଖା ପ୍ରଧାନ। ଏଥିରେ ଜ୍ୟାମିତିକ ଢାଞ୍ଚା ଓ କାନ୍ଥରେ ଲମ୍ବା ପଣ୍ଟିମା ଟଣାଯାଏ। | ସମୃଦ୍ଧି ଓ ସୁରକ୍ଷାବଳୟର ପ୍ରତୀକ। | **କାନ୍ଥ ଝୋଟି**- ଗ୍ରାମାଞ୍ଚଳରେ ଘରର ଦ୍ୱାର ଚାରିପାଖରେ କାନ୍ଥରେ ଉପରକୁ ଉଠିଥିବା ପରି ବିଭିନ୍ନ ଲତା, ପଦ୍ମଫୁଲ ଏବଂ ମୟୂର ଚିତ୍ର ଝୋଟି ମାଧ୍ୟମରେ କରାଯାଏ। ଏହାକୁ 'ଶାଖାଝୋଟି' ବୋଲି ମଧ୍ୟ ମଧ୍ୟଯୁଗୀୟ କାବ୍ୟରେ କୁହାଯାଇଛି। ଖାସକରି କାର୍ତ୍ତିକ ଓ ମାର୍ଗଶୀର ମାସରେ ଘରର କାନ୍ଥଗୁଡ଼ିକ ଲାଲ୍ ମାଟିରେ ଲିପାଯାଇ ତା' ଉପରେ ଶୁଭ୍ର ଚାଉଳ ପିଠଉର ଝୋଟି ଅଙ୍କାଗଲେ, ତାହା ଦେଖିବାକୁ ଅତ୍ୟନ୍ତ ମନୋହର ହୋଇଥାଏ।

**ଚିତା-** ପୀଠ, ଖଟ, ସିନ୍ଦୂରଫରୁଆ ଓ ଚଟାଣର ମଧ୍ୟଭାଗ | ଏହା ସାନ୍ଦ୍ର ଏବଂ ନିର୍ଦ୍ଦିଷ୍ଟ ରୂପଭିତ୍ତିକ। ଏଥିରେ ପଦ୍ମ, ପାଦଚିହ୍ନ, ହାତୀ ଇତ୍ୟାଦି ସମ୍ପୂର୍ଣ୍ଣ ଭରି କରାଯାଏ। | ଭକ୍ତି, ଆରାଧନା ଏବଂ ଦେବୀ ଆବାହନ। |

**ମୁରୁଜ:** ଝୋଟି ଓ ଚିତା ପରେ ଓଡ଼ିଶାର ଆଉ ଏକ ମହାନ ଗୌରବମୟ ଲୋକକଳା ହେଉଛି 'ମୁରୁଜ'। ଏହା ସମ୍ପୂର୍ଣ୍ଣ ଭାବେ ଶୁଖିଲା ପ୍ରାକୃତିକ ଗୁଣ୍ଡରେ ତିଆରି ହୋଇଥାଏ। ଏହାର ଭିନ୍ନ ଭିନ୍ନ ରଙ୍ଗ ଥିବାରୁ ଏହାକୁ ସାଧାରଣତଃ 'ପଞ୍ଚବର୍ଣ୍ଣ ମୁରୁଜ' ଭାବେ ଅଭିହିତ କରାଯାଇଛି, କାରଣ ଏଥିରେ ମୁଖ୍ୟତଃ ପାଞ୍ଚଟି ରଙ୍ଗ ବ୍ୟବହୃତ ହୁଏ ଓ ଏହି ପାଞ୍ଚଟି ରଙ୍ଗ ସମ୍ପୂର୍ଣ୍ଣ ପ୍ରକୃତିରୁ ହିଁ ସଂଗ୍ରହ କରାଯାଏ:

1. **ଧଳା:** ଶୁଖିଲା ଅରୁଆ ଚାଉଳ ଗୁଣ୍ଡ କିମ୍ବା ଘଷା ଧଳା ମୁରୁଜ ପଥରର ଗୁଣ୍ଡ।
2. **କଳା:** ନଡ଼ିଆ କତା (ସଢ଼େଇ) କୁ ପୋଡ଼ି ତାହାର ପାଉଁଶକୁ ଗୁଣ୍ଡ କରି କଳା ରଙ୍ଗ ପ୍ରସ୍ତୁତ କରାଯାଏ।
3. **ନାଲି:** ଲାଲ୍ ରଙ୍ଗର ମୁରୁଜ ପଥର କିମ୍ବା ଘର ପୋଡ଼ା ମାଟିର ଗୁଣ୍ଡ (ଇଟା ଗୁଣ୍ଡ)।
4. **ହଳଦିଆ:** ଶୁଖିଲା ହଳଦୀକୁ ଗୁଣ୍ଡ କରି କିମ୍ବା ହଳଦିଆ ପଥର ଗୁଣ୍ଡ।
5. **ସବୁଜ:** ଶୁଖିଲା ଗଙ୍ଗଶିଉଳି କିମ୍ବା ବେଲପତ୍ରର ଗୁଣ୍ଡ, ଯାହା ଶୁଖିଗଲା ପରେ ସବୁଜ ରଙ୍ଗ ଦିଏ।

ମୁରୁଜ ଢାଳିବା ସମୟରେ ହସ୍ତର ମୁଦ୍ରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚିତ୍ରଶିଳ୍ପୀ କିମ୍ବା ନାରୀମାନେ ନିଜ ଆଙ୍ଗୁଠି ଅଗରେ ଏହି ଶୁଖିଲା ଗୁଣ୍ଡକୁ ଧରି ଅତି ସୂକ୍ଷ୍ମ ଭାବରେ ଧାରାପାତ କରନ୍ତି, ଯାହା ଚଟାଣ ଉପରେ ଏକ ମନୋରମ ସ୍ପର୍ଶ ସୃଷ୍ଟି କରେ।

ନୃତାତ୍ତ୍ୱିକ ଦୃଷ୍ଟିକୋଣ: ଜ୍ୟାମିତିକ ଚିହ୍ନ ଓ ଜନଜାତି ସଂଯୋଗ

ନୃତତ୍ତ୍ୱ ବିଜ୍ଞାନ ଅନୁସାରେ, ଝୋଟିରେ ବ୍ୟବହୃତ ହେଉଥିବା ତ୍ରିକୋଣ(Triangle), ବୃତ୍ତ(Circle) ଏବଂ ବର୍ଗକ୍ଷେତ୍ର(Square) ଆଦି ଜ୍ୟାମିତିକ ରୂପଗୁଡ଼ିକ ବିଶ୍ୱବ୍ରହ୍ମାଣ୍ଡର ଶକ୍ତିର ପ୍ରତୀକ।

**ଉପରମୁଖା ତ୍ରିକୋଣ:** ପୁରୁଷ ତତ୍ତ୍ୱ ବା ଅଗ୍ନିର ପ୍ରତୀକ।

**ତଳମୁଖା ତ୍ରିକୋଣ:** ନାରୀ ତତ୍ତ୍ୱ ବା ପ୍ରକୃତିର ପ୍ରତୀକ।

**ବୃତ୍ତ:** ଶୂନ୍ୟତା ବା ଅନନ୍ତର ସଙ୍କେତ।

ଓଡ଼ିଶାର ଗ୍ରାମୀଣ ମହିଳାମାନେ ଅଜାଣତରେ ଏହି ସବୁ ଜ୍ୟାମିତିକ ସଂରଚନାକୁ ଝୋଟି ମାଧ୍ୟମରେ ପ୍ରକାଶ କରନ୍ତି। ପଶ୍ଚିମ ଓଡ଼ିଶାର 'କୁରୁଆ' କିମ୍ବା ଉପକୂଳ ଓଡ଼ିଶାର ଗୁରୁବାର ଚିତାରେ ଏହି ସବୁ ପ୍ରାଚୀନ ସଙ୍କେତ ବହୁଳ ଭାବରେ ଦେଖିବାକୁ ମିଳେ। ଏହା ପ୍ରମାଣିତ କରେ ଯେ, ଏହି କଳାର ମୂଳ ଭିତ୍ତି ଆଦିମ କୁହୁକ ବିଜ୍ଞାନ ଏବଂ ଜନଜାତିଙ୍କ କାନ୍ଥଚିତ୍ରରୁ ଆସି ସମୟ କ୍ରମେ ସହରୀ ଓ ଗ୍ରାମୀଣ ସମାଜରେ ପରିମାର୍ଜିତ ହୋଇଛି।

**ମାର୍ଗଶୀର ମାସର ମାଣବସା ଗୁରୁବାର, ଲକ୍ଷ୍ମୀପୂର୍ଣ୍ଣା ଝୋଟି ଏବଂ ଏହାର ସାଂସ୍କୃତିକ-ନୃତାତ୍ତ୍ୱିକ ପ୍ରତିଫଳନ**

**୧. କୃଷି ଅର୍ଥନୀତି ଏବଂ ମାଣବସାର ଭୌତିକ ପୃଷ୍ଠଭୂମି**

ଓଡ଼ିଶାର ସାଂସ୍କୃତିକ ଇତିହାସରେ ମାର୍ଗଶୀର ମାସ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛି। ନୃତତ୍ତ୍ୱ ବିଜ୍ଞାନ ଦୃଷ୍ଟିକୋଣରୁ ବିଚାର କଲେ, ମାଣବସା ଗୁରୁବାର ହେଉଛି ଏକ ଶୁଦ୍ଧ କୃଷିଭିତ୍ତିକ ଉତ୍ସବ । ଶରତ ଋତୁର ଶେଷରେ ଏବଂ ହେମନ୍ତର ଆଗମନରେ ଓଡ଼ିଶାର ସ୍ୱର୍ଣ୍ଣାଭ ଧାନକ୍ଷେତ୍ର ଶସ୍ୟଶ୍ୟାମଳା ହୋଇଉଠେ। କୃଷକ ନୂତନ ଧାନକୁ କାଟି ଗୃହକୁ ଆଣିଥାଏ। ଏହି ନୂତନ ଶସ୍ୟ ବା 'ଲକ୍ଷ୍ମୀ'ଙ୍କୁ ଗୃହରେ ପ୍ରତିଷ୍ଠା କରିବା ଏବଂ ପ୍ରକୃତିର ସେହି ଅମୂଲ୍ୟ ଦାନକୁ କୃତଜ୍ଞତା ଜଣାଇବା ହିଁ ମାଣବସା ଗୁରୁବାରର ମୂଳ ଲକ୍ଷ୍ୟ।

'ମାଣ' ହେଉଛି ଓଡ଼ିଶାର ଏକ ପାରମ୍ପରିକ ଶସ୍ୟ ମାପକ ପାତ୍ର, ଯାହା ବେତ କିମ୍ବା କାଠରେ ନିର୍ମିତ ହୋଇଥାଏ। ଏହି ମାଣ ମଧ୍ୟରେ ନୂତନ ଅମଳ ହୋଇଥିବା ଶୁଦ୍ଧ ଧାନ ଭରି ତାହାକୁ ଦେବୀ ମହାଲକ୍ଷୀଙ୍କ ପ୍ରତୀକ ଭାବେ ପୂଜା କରାଯାଏ। ଏହି ସମୟରେ ଘରର ଚଟାଣ, ପିଣ୍ଡା ଏବଂ ଖଳାବାଡ଼ିରେ ଯେଉଁ ବିଶେଷ ଝୋଟି ଓ ଚିତା ଅଙ୍କନ କରାଯାଏ, ତାହା କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ବରଂ କୃଷି ଅର୍ଥନୀତିର ସମୃଦ୍ଧି ଏବଂ ଶସ୍ୟର ସୁରକ୍ଷା ପାଇଁ କରାଯାଉଥିବା ଏକ ଆଭିଚାରିକ କର୍ମ।


© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

**ଲକ୍ଷ୍ମୀପୂଜା ଝୋଟିର ଗଠନମୂଳକ ଓ ଜ୍ୟାମିତିକ ବିଶ୍ଲେଷଣ -** ମାର୍ଗଶୀର ଗୁରୁବାର ଦିନ ଓଡ଼ିଆ ଗୃହରେ ଅଙ୍କିତ ହେଉଥିବା ଝୋଟି ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଏବଂ ଶୈଳୀକୁ ଅନୁସରଣ କରେ। ଏହି ଶୈଳୀକୁ ମୁଖ୍ୟତଃ ତିନୋଟି ସ୍ତରରେ ବିଭକ୍ତ କରାଯାଇପାରେ:

**କ) ଦ୍ୱାରଦେଶର ଉର୍ବରତା ସଙ୍କେତ**

ଘରର ମୁଖ୍ୟ ଦ୍ୱାରବନ୍ଧ କିମ୍ବା ଦ୍ୱାର ସମ୍ମୁଖରେ 'ଧାନ କେଣ୍ଡା' ଏବଂ ପଦ୍ମର ଚିତା ଅଙ୍କନ କରାଯାଏ। ନୃତତ୍ତ୍ୱରେ ଏହାକୁ ଉର୍ବରତାର ପ୍ରତୀକ ବୋଲି କୁହାଯାଏ। ଧାନ କେଣ୍ଡାରେ ଅଙ୍କିତ ପ୍ରତ୍ୟେକଟି ଧାନ ଗଛର ପତ୍ର ଏବଂ ଅଗ୍ରଭାଗ ସମୃଦ୍ଧିର ସୂଚନା ଦିଏ। ଦ୍ୱାରଦେଶରୁ ଆରମ୍ଭ ହୋଇ ଘରର ଅଭ୍ୟନ୍ତର ଅର୍ଥାତ୍ ଧାନକୋଠି ବା ପୂଜାଗୃହ ପର୍ଯ୍ୟନ୍ତ ମହାଲକ୍ଷୀଙ୍କ ସୂକ୍ଷ୍ମ 'ପାଦଚିହ୍ନ' ଅଙ୍କାଯାଏ। ଏହି ପାଦଚିହ୍ନଗୁଡ଼ିକ ସର୍ବଦା ଗୃହର ବାହାର ପାଖରୁ ଭିତର ପାଖକୁ ଗତି କରୁଥିବା ଭଳି ଅଙ୍କାଯାଏ, ଯାହାର ସାଂସ୍କୃତିକ ଅର୍ଥ ହେଉଛି ଐଶ୍ୱର୍ଯ୍ୟ ଏବଂ ସୌଭାଗ୍ୟ ଗୃହର ଅଭ୍ୟନ୍ତରକୁ ପ୍ରବେଶ କରୁଛି।

**ଖ) ପୂଜାମଣ୍ଡପର ଅଷ୍ଟଦଳ ପଦ୍ମ ଓ ମଣ୍ଡଳ ସଂରଚନା**

ଯେଉଁ ପୀଠରେ ମାଣ ସ୍ଥାପନ କରାଯାଏ, ସେଠାରେ 'ଅଷ୍ଟଦଳ/ଷୋଳ ପଦ୍ମ ଚିତା ମଣ୍ଡଳ ନିର୍ମାଣ କରାଯାଏ। ଏହି ମଣ୍ଡଳର କେନ୍ଦ୍ରବିନ୍ଦୁରେ ଏକ ବୃତ୍ତ ଥାଏ, ଯାହା ଶୂନ୍ୟତା ବା ବ୍ରହ୍ମଙ୍କୁ ସୂଚିତ କରେ। ଏହାର ଚାରିପାଖରେ ଆଠଟି ପାଖୁଡ଼ା ଥାଏ, ଯାହା ପ୍ରେମ, ସତ୍ୟ, ଦୟା, ଶାନ୍ତି, ସନ୍ତୋଷ, କ୍ଷମା, ଧୈର୍ଯ୍ୟ ଏବଂ ଭକ୍ତିର ପ୍ରତୀକ। ନୃତାତ୍ତ୍ୱିକ ଦୃଷ୍ଟିରୁ, ଏହି ଜ୍ୟାମିତିକ ଚିତ୍ରଗୁଡ଼ିକ ମାନସିକ ଏକାଗ୍ରତା ସୃଷ୍ଟି କରିବା ସହ ପରିବେଶରେ ଥିବା ସକାରାତ୍ମକ ଶକ୍ତିକୁ କେନ୍ଦ୍ରୀଭୂତ କରିବାରେ ସାହାଯ୍ୟ କରିଥାନ୍ତି।

**ଗ) କାନ୍ଥର ଛିଟା ଓ ଶାଖା ଚିତା**

ମାଣବସା ସମୟରେ ଘରର କାନ୍ଥଗୁଡ଼ିକରେ ଧାନର କୋଠି, ହାତୀ, ପଦ୍ମଲତା ଏବଂ ଗୃହପାଳିତ ପଶୁପକ୍ଷୀଙ୍କ ଚିତ୍ର ଅଙ୍କାଯାଏ। ଏହାକୁ 'ଛିଟିକା/ଧାଡ଼ି ଝୋଟି' କୁହାଯାଏ। ଏହି ଚିତ୍ରଗୁଡ଼ିକରେ କୃଷି ଜୀବନ ସହ ଜଡ଼ିତ ସମସ୍ତ ଉପାଦାନକୁ ସ୍ଥାନ ଦିଆଯାଇଥାଏ, ଯାହା ପ୍ରକୃତି ଏବଂ ମାନବ ମଧ୍ୟରେ ଥିବା ସହଜୀବୀ ସମ୍ପର୍କକୁ ପ୍ରମାଣିତ କରେ।

**୩. ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ର ନୃତାତ୍ତ୍ୱିକ ଓ ସାମାଜିକ ବିଶ୍ଲେଷଣ**

ମାର୍ଗଶୀର ମାସର ଝୋଟି ଓ ଚିତା ପରମ୍ପରା ସହିତ ପଞ୍ଚସଖା ଯୁଗର ମହାନ ସାଧକ ବଳରାମ ଦାସଙ୍କ ରଚିତ **'ଲକ୍ଷ୍ମୀ ପୁରାଣ'** (୧୬ଶ ଶତାବ୍ଦୀ) ଓତପ୍ରୋତ ଭାବେ ଜଡ଼ିତ। ଏହି ଗ୍ରନ୍ଥ କେବଳ ଏକ ଧାର୍ମିକ ଆଖ୍ୟାନ ନୁହେଁ, ବରଂ ଏହା ଉତ୍କଳୀୟ ସମାଜର ଏକ ଶ୍ରେଷ୍ଠ ନୃତାତ୍ତ୍ୱିକ ଦଲିଲ୍। ଗ୍ରନ୍ଥର କଥାବସ୍ତୁ ଅନୁଯାୟୀ, ଦେବୀ ମହାଲକ୍ଷୀ ମାର୍ଗଶୀର ଗୁରୁବାର ଦିନ ମର୍ତ୍ତ୍ୟମଣ୍ଡଳରେ ଭ୍ରମଣ କରନ୍ତି ଏବଂ ଦେଖନ୍ତି ଯେ କେଉଁ ନାରୀ ନିଜ ଗୃହକୁ ସ୍ୱଚ୍ଛ ରଖି ଝୋଟି ଓ ଚିତା ଦ୍ୱାରା ସଜ୍ଜିତ କରିଛି। ଏହି କ୍ରମରେ ସେ ଜଣେ ଅସ୍ପୃଶ୍ୟ ବା ସାମାଜିକ ସ୍ତରରେ ନିମ୍ନ ବର୍ଗର ନାରୀ 'ଶ୍ରୀୟା ଚଣ୍ଡାଳୁଣୀ'ର ଗୃହରେ ପ୍ରବେଶ କରନ୍ତି। ଶ୍ରୀୟାର ଗୃହର ବର୍ଣ୍ଣନା କରିବାକୁ ଯାଇ ବଳରାମ ଦାସ ଲେଖିଛନ୍ତି ଯେ, ସେ ତା'ର ଗୃହପ୍ରାଙ୍ଗଣକୁ ଗୋବରରେ ଲିପି, ଅରୁଆ ଚାଉଳ ପିଠଉରେ ଅତ୍ୟନ୍ତ ନିପୁଣ ଭାବେ ପଦ୍ମ ଓ ଲକ୍ଷ୍ମୀପାଦ ଚିତ୍ର ଅଙ୍କନ କରିଥିଲା। ଏହି ପ୍ରସଙ୍ଗରୁ ଦୁଇଟି ପ୍ରମୁଖ ନୃତାତ୍ତ୍ୱିକ ତଥ୍ୟ ମିଳିଥାଏ ।

**1. ସାମାଜିକ ଗତିଶୀଳତା ଓ ସମାନତା :** ଝୋଟି ଏବଂ ଚିତା କଳା ଉପରେ କୌଣସି ନିର୍ଦ୍ଦିଷ୍ଟ ଉଚ୍ଚ ଜାତିର ଅଧିକାର ନଥିଲା। ଶ୍ରୀୟା ଚଣ୍ଡାଳୁଣୀ ଭଳି ଜଣେ ଶ୍ରମଜୀବୀ ଓ ନିମ୍ନ ଜାତିର ନାରୀ ମଧ୍ୟ ଏହି କଳାରେ ସୁନିପୁଣା ଥିଲେ ଏବଂ ତାଙ୍କର ଏହି କଳାତ୍ମକ ନିଷ୍ଠା ଯୋଗୁଁ ହିଁ ସେ ସର୍ବୋଚ୍ଚ ଆଧ୍ୟାତ୍ମିକ ସମ୍ମାନ ଲାଭ କରିପାରିଥିଲେ। ଏହା ଜାତିପ୍ରଥା ବିରୁଦ୍ଧରେ ଏକ ଶାନ୍ତିପୂର୍ଣ୍ଣ ସାଂସ୍କୃତିକ ପ୍ରତିବାଦ ଥିଲା।

**2. ଶ୍ରମର ମର୍ଯ୍ୟାଦା ଓ ଗୃହ ପରିଚାଳନା:** ଲକ୍ଷ୍ମୀ ପୁରାଣ ଅନୁଯାୟୀ, ଭଲ ଆଚରଣ, ଗୃହର ସ୍ୱଚ୍ଛତା ଏବଂ ଝୋଟି ଅଙ୍କନର କଳାତ୍ମକ ପ୍ରୟାସ ମଧ୍ୟ ଦରିଦ୍ରତା ଦୂର କରିବାର ମାଧ୍ୟମ ହୋଇପାରେ । ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ, କର୍ମଠ ଏବଂ ଶୃଙ୍ଖଳିତ କରିବା ପାଇଁ ଏହି ପରମ୍ପରା ଏକ ସାମାଜିକ ନିୟମ ଭଳି କାର୍ଯ୍ୟ କରୁଥିଲା।

**୪. ଚିହ୍ନ ବିଜ୍ଞାନ ଏବଂ ସାଂସ୍କୃତିକ ସଙ୍କେତର ତାତ୍ପର୍ଯ୍ୟ**

ମାଣବସା ଗୁରୁବାର ଝୋଟିରେ ବ୍ୟବହୃତ ହେଉଥିବା ବିଭିନ୍ନ ଚିତ୍ରଗୁଡ଼ିକର ଏକ ଗଭୀର ସଙ୍କେତ ବିଜ୍ଞାନ ରହିଛି, ଯାହା ଓଡ଼ିଆ ଜନମାନସର ବିଶ୍ୱାସକୁ ପ୍ରତିଫଳିତ କରେ, ଯଥା [ଅଙ୍କିତ ଚିତ୍ର / ପ୍ରତୀକ] -----------→ [ସାଂସ୍କୃତିକ ଓ ନୃତାତ୍ତ୍ୱିକ ଅର୍ଥ]

୧. ଦୁଇଟି ସମାନ୍ତରାଳ ପାଦ ଚିହ୍ନ -> ଧନ ଏବଂ ସୌଭାଗ୍ୟର ଗୃହ ପ୍ରବେଶ ପ୍ରକ୍ରିୟା
୨. ଧାନର ଶସ୍ୟମାଣ / ସେର -> କୃଷିଜାତ ସମ୍ପଦର ସୁରକ୍ଷା ଓ ପ୍ରାଚୁର୍ଯ୍ୟ
୩. କାଳ୍ପନିକ ହସ୍ତୀ (ହାତୀ) -> ରାଜକୀୟ ବୈଭବ, ଐଶ୍ୱର୍ଯ୍ୟ ଓ ଗଜଲକ୍ଷ୍ମୀଙ୍କ ବାହନ
୪. ପଦ୍ମ,ମୟୂର ଓ କୋଇଲି ଚିତ୍ର -> ପ୍ରକୃତି ସହ ନିବିଡ଼ତା ଏବଂ ଆନନ୍ଦର ପ୍ରତୀକ
୫. ଶଙ୍ଖ ଏବଂ ଚକ୍ର -> ଗୃହ ମଧ୍ୟରୁ ନକାରାତ୍ମକ ଶକ୍ତିର ବିନାଶ

ଏହି ପ୍ରତୀକଗୁଡ଼ିକ କେବଳ କାନ୍ଥ ବା ଚଟାଣରେ ସୀମିତ ରୁହନ୍ତି ନାହିଁ, ବରଂ ଏହା ଓଡ଼ିଆ ପରିବାରର ମାନସିକ ସ୍ତରରେ ସନ୍ତୋଷ ଓ ଆତ୍ମବିଶ୍ୱାସ ସୃଷ୍ଟି କରନ୍ତି। ଦରିଦ୍ରତାର କଠୋର ବାସ୍ତବତା ମଧ୍ୟରେ ଥାଇ ମଧ୍ୟ ଜଣେ ଓଡ଼ିଆ ନାରୀ ଯେତେବେଳେ ତା'ର ଭଙ୍ଗା କୁଡ଼ିଆରେ ଏପ୍ରକାର ଆକର୍ଷଣୀୟ ଝୋଟି ଆଙ୍କିଦିଏ, ସେତେବେଳେ ତା'ର ଆତ୍ମିକ ଦୈନ୍ୟତା ଦୂର ହୋଇଯାଏ।

**୫. ଆଞ୍ଚଳିକ ବୈଶିଷ୍ଟ୍ୟ ଓ ଆଧୁନିକ ରୂପାନ୍ତର**

ନୃତାତ୍ତ୍ୱିକ ଅଧ୍ୟୟନରୁ ଜଣାପଡ଼େ ଯେ, ମାଣବସା ଝୋଟିର ଶୈଳୀ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିଛି। ଉପକୂଳବର୍ତ୍ତୀ ଓଡ଼ିଶା (ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର) ରେ ପିଠଉର ବ୍ୟବହାର ଅତି ସୂକ୍ଷ୍ମ ଓ ସାରସ୍ୱତ ହୋଇଥିବା ବେଳେ, ପଶ୍ଚିମ ଓଡ଼ିଶା (ସମ୍ବଲପୁର, ବଲାଙ୍ଗୀର, ବରଗଡ଼) ରେ ଏହା ଅଧିକ ଜ୍ୟାମିତିକ ଏବଂ ଲାଇନ-ଆର୍ଟ (Line art) ର ନିକଟବର୍ତ୍ତୀ, ଯାହାକୁ ସେଠାରେ 'କୁରୁଆ' କିମ୍ବା 'ଝୋଟି' କୁହାଯାଏ। ଏହି ଭୌଗୋଳିକ ଭିନ୍ନତା ସତ୍ତ୍ୱେ ଏହାର ଆନ୍ତରିକ ଉଦ୍ଦେଶ୍ୟ ଏକ ଏବଂ ଅଭିନ୍ନ, ତାହା ହେଉଛି ଭୂମି ଏବଂ ଜୀବନର ଉତ୍ସବକୁ ପାଳନ କରିବା।

**କାର୍ତ୍ତିକ ବ୍ରତ, ରାଇ-ଦାମୋଦର ପୂଜା ଏବଂ ପଞ୍ଚବର୍ଣ୍ଣ ମୁରୁଜର ନୃତାତ୍ତ୍ୱିକ ଓ ତାନ୍ତ୍ରିକ ତାତ୍ପର୍ଯ୍ୟ**

**୧. ରାଇ-ଦାମୋଦର ପୂଜା ଏବଂ ମୁରୁଜର ମଣ୍ଡଳ ସଂରଚନା**

କାର୍ତ୍ତିକ ମାସରେ ମୁଖ୍ୟତଃ ରାଧା-କୃଷ୍ଣ (ଓଡ଼ିଆ ଲୋକ-ପରମ୍ପରାରେ ରାଇ-ଦାମୋଦର) ଙ୍କ ପୂଜା କରାଯାଏ। ତୁଳସୀ ଚଉରା ସମ୍ମୁଖରେ ଶୃଙ୍ଖଳା ପ୍ରାକୃତିକ ଗୁଣ୍ଡରେ ଯେଉଁ ମୁରୁଜ ପକାଯାଏ, ତାହାର ସଂରଚନା ଶାସ୍ତ୍ରୀୟ 'ମଣ୍ଡଳ' କଳା ଉପରେ ଆଧାରିତ। ତାନ୍ତ୍ରିକ ଏବଂ ନୃତାତ୍ତ୍ୱିକ ଗବେଷଣା ଅନୁସାରେ, ମଣ୍ଡଳ ହେଉଛି ବିଶ୍ୱବ୍ରହ୍ମାଣ୍ଡର ଏକ ସୂକ୍ଷ୍ମ ରୂପକଳ୍ପ ।

**ମୁରୁଜରେ ପଞ୍ଚବର୍ଣ୍ଣର ତାନ୍ତ୍ରିକ ଏବଂ ମନୋବୈଜ୍ଞାନିକ ତାତ୍ପର୍ଯ୍ୟ**

ଶାସ୍ତ୍ରୀୟ ଚେତନାରେ ମୁରୁଜର ଏହି ପାଞ୍ଚଟି ରଙ୍ଗ ମାନବ ମନର ବିଭିନ୍ନ ଅବସ୍ଥା ଏବଂ ପ୍ରକୃତିର ଗୁଣକୁ ନିୟନ୍ତ୍ରଣ କରନ୍ତି: ନିମ୍ନରେ କ୍ରମାନ୍ୟୟରେ ମୁରୁଜର - ବର୍ଣ୍ଣ/ରଙ୍ଗ | ପ୍ରାକୃତିକ ତତ୍ତ୍ୱ | ତାନ୍ତ୍ରିକ/ଗୁଣାତ୍ମକ ତାତ୍ପର୍ଯ୍ୟ | ମନୋବୈଜ୍ଞାନିକ ପ୍ରଭାବ | ଦର୍ଶଗଲା।


© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

| ଧଳା | ବ୍ୟୋମ (ଆକାଶ) | ସତ୍ତ୍ୱ ଗୁଣ | ମାନସିକ ଶାନ୍ତି ଓ ପବିତ୍ରତା ଜାଗ୍ରତ କରେ। |
| କଳା | କ୍ଷିତି (ମାଟି) | ତମୋ ଗୁଣ | ଅହଂକାରର ବିନାଶ ଓ ଶୂନ୍ୟତାକୁ ସୂଚାଏ। |
| ନାଲି | ତେଜ (ଅଗ୍ନି) | ରଜୋ ଗୁଣ | ଜୀବନ ଶକ୍ତି, ଉତ୍ସାହ ଓ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। |
| ହଳଦିଆ | ଅପ୍ (ଜଳ) | ଜ୍ଞାନ ଓ ବୈରାଗ୍ୟ | ଆଧ୍ୟାତ୍ମିକ ଜିଜ୍ଞାସା ଓ ମଙ୍ଗଳଭାବ ସୃଷ୍ଟି କରେ। |
| ସବୁଜ| ମରୁତ୍ (ବାୟୁ) | ପ୍ରକୃତି ଓ ପ୍ରାଣ | ସନ୍ତୁଳନ, ଅଭିବୃଦ୍ଧି ଓ ମନକୁ ପ୍ରଫୁଲ୍ଲିତ ରଖେ। |

ହବିଷ୍ୟାଳୀମାନେ ପ୍ରାତଃ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନ ସାରି ଯେତେବେଳେ ଏହି ପାଞ୍ଚଟି ରଙ୍ଗକୁ ଅତି ସନ୍ତୁଳିତ ଭାବେ ନିଜ ଆଙ୍ଗୁଠି ସାହାଯ୍ୟରେ ଢାଳନ୍ତି, ସେତେବେଳେ ସେମାନଙ୍କର ବିକ୍ଷିପ୍ତ ମନ ଏକାଗ୍ର ହୋଇଯାଏ। ଏହା ଏକ ପ୍ରକାରର 'ରଙ୍ଗ ଚିକିତ୍ସା' (Color Therapy) ଭଳି କାର୍ଯ୍ୟ କରେ, ଯାହା ବାର୍ଦ୍ଧକ୍ୟଜନିତ ମାନସିକ ଅବସାଦକୁ ଦୂର କରିବାରେ ବୈଜ୍ଞାନିକ ଭାବେ ସହାୟକ ହୋଇଥାଏ।

**କାର୍ତ୍ତିକ ବ୍ରତର ବିଶେଷ ମୁରୁଜ ଚିତ୍ରାବଳୀ**

କାର୍ତ୍ତିକ ମାସର ପ୍ରତିଦିନ ଭିନ୍ନ ଭିନ୍ନ ମୁରୁଜ ଅଙ୍କାଯାଉଥିଲେ ହେଁ, ଶେଷ ପାଞ୍ଚଦିନ ଅର୍ଥାତ୍ 'ପଞ୍ଚୁକ' (ଭୀଷ୍ମ ପଞ୍ଚକ) ସମୟରେ ଅତି ବୃହତ୍ ଏବଂ ଜଟିଳ ମୁରୁଜମାନ ଅଙ୍କନ କରାଯାଏ। ଏହି ସମୟର ପ୍ରମୁଖ ଚିତ୍ରଗୁଡ଼ିକ ହେଉଛି:

**1. ବଡ଼ ଓଷା ମୁରୁଜ:** ଏଥିରେ ଏକ ବିଶାଳ ପଦ୍ମ ମଣ୍ଡଳ କରାଯାଇ ତା' ଉପରେ ଶିବ-ପାର୍ବତୀ କିମ୍ବା ଲକ୍ଷ୍ମୀ-ନାରାୟଣଙ୍କ ପ୍ରତୀକ ସ୍ଥାପନ କରାଯାଏ।

**2. ଆକାଶଦୀପ ମୁରୁଜ:** କାର୍ତ୍ତିକ ମାସରେ ଆକାଶକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଝୁଲାଇବାର ପରମ୍ପରା ରହିଛି, ଯାହା ପିତୃପୁରୁଷଙ୍କୁ ମାର୍ଗ ଦେଖାଇବା ପାଇଁ ଉଦ୍ଦିଷ୍ଟ ବୋଲି ବିଶ୍ୱାସ କରାଯାଏ। ଚଉରା ମୂଳେ ମୁରୁଜରେ ମଧ୍ୟ ଏହି ଆକାଶଦୀପର ଏକ ସୁନ୍ଦର ପ୍ରତିଛବି ଅଙ୍କାଯାଏ।

**3. ବୋଇତ ବନ୍ଦାଣ ମୁରୁଜ (କାର୍ତ୍ତିକ ପୂର୍ଣ୍ଣିମା):** କାର୍ତ୍ତିକ ପୂର୍ଣ୍ଣିମା ଦିନ ମୁରୁଜର ସ୍ୱରୂପ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ନୌବାଣିଜ୍ୟ ଇତିହାସକୁ ଉଜ୍ଜୀବିତ କରେ। ଏହି ଦିନ ମୁରୁଜରେ ସୂକ୍ଷ୍ମ ଭାବେ 'ବୋଇତ' (ସାଧବମାନଙ୍କର ବାଣିଜ୍ୟ ତରଣୀ) ଅଙ୍କନ କରାଯାଏ, ଯେଉଁଥିରେ ସାତଟି ଦେଢ଼ ଏବଂ ପତାକା ଥାଏ। ଏହା ପ୍ରମାଣ କରେ ଯେ, ଓଡ଼ିଶାର ମୁରୁଜ କେବଳ ଧାର୍ମିକ କାହାଣୀରେ ସୀମିତ ନୁହେଁ, ବରଂ ଏହା ଉତ୍କଳର ଗୌରବମୟ ଇତିହାସର ଏକ ଦୃଶ୍ୟମାନ ସ୍ମାରକୀ।

**କାର୍ତ୍ତିକ ମାସର ପାରିପାର୍ଶ୍ୱିକ, ଜଳବାୟୁଗତ ଏବଂ ସାମାଜିକ ପୃଷ୍ଠଭୂମି**

ନୃତତ୍ତ୍ୱ ବିଜ୍ଞାନ ଏବଂ ସାମାଜିକ ସଂସ୍କୃତି ଦୃଷ୍ଟିକୋଣରୁ ବିଚାର କଲେ, ଓଡ଼ିଶାର ବାରମାସର ପର୍ବପର୍ବାଣି ମଧ୍ୟରେ କାର୍ତ୍ତିକ ମାସର ଏକ ସ୍ୱତନ୍ତ୍ର ପାରିପାର୍ଶ୍ୱିକ ଏବଂ ମନୋବୈଜ୍ଞାନିକ ମୂଲ୍ୟ ରହିଛି। ଏହି ମାସଟି ଶରତ ଋତୁର ପରିସମାପ୍ତି ଏବଂ ହେମନ୍ତ ଋତୁର ପ୍ରାରମ୍ଭିକ ସନ୍ଧିକ୍ଷଣରେ ଆସିଥାଏ। ଭୌଗୋଳିକ ଦୃଷ୍ଟିରୁ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଅପସାରିତ ହେବା ଫଳରେ ବାୟୁମଣ୍ଡଳ ସ୍ୱଚ୍ଛ, ନିର୍ମଳ ଓ କୀଟମୁକ୍ତ ହୋଇଥାଏ ଏବଂ ଜଳାଶୟଗୁଡ଼ିକର ଜଳ ପ୍ରାକୃତିକ ଭାବେ ପରିଷ୍କାର ଓ ସ୍ଥିର ରୂପ ଧାରଣ କରେ। ଏହି ପ୍ରାକୃତିକ ପରିବର୍ତ୍ତନ ସହିତ ମାନବୀୟ ଚିତ୍ତବୃତ୍ତିର ଶୁଦ୍ଧିକରଣ ପାଇଁ ଓଡ଼ିଆ ସମାଜରେ 'କାର୍ତ୍ତିକ ବ୍ରତ' ବା 'ହବିଷ' ପାଳନର ଏକ ସୁଦୀର୍ଘ ଐତିହାସିକ ପରମ୍ପରା ଗଢ଼ି ଉଠିଛି। ସାମାଜିକ ସଂରଚନା ଦୃଷ୍ଟିରୁ ଏହି ବ୍ରତ ଓଡ଼ିଶାର ମହିଳାମାନଙ୍କୁ, ବିଶେଷ କରି ବାର୍ଦ୍ଧକ୍ୟରେ ଉପନୀତ ସାଧବା ଏବଂ ସାମାଜିକ ସ୍ତରରେ ଏକାକୀ ଜୀବନ ବିତାଉଥିବା ବିଧବା (ଯାହାଙ୍କୁ ସ୍ଥାନୀୟ ଭାଷାରେ ହବିଷ୍ୟାଳୀ କୁହାଯାଏ) ମାନଙ୍କୁ ଏକ ଶୃଙ୍ଖଳିତ ସାମୂହିକ ଜୀବନଯାପନର ସୁଯୋଗ ଦିଏ। ପରିବାରର ଦୈନନ୍ଦିନ ଗାର୍ହସ୍ଥ୍ୟ ଜଞ୍ଜାଳ ଏବଂ ସାଂସାରିକ ଚାପରୁ ମୁକ୍ତ ହୋଇ ଗ୍ରାମର କିମ୍ବା ନିର୍ଦ୍ଦିଷ୍ଟ ସାହିର ମହିଳାମାନେ ପ୍ରତିଦିନ ପ୍ରାତଃକାଳରେ ସ୍ନାନ ସାରି ତୁଳସୀ ଚଉରା ମୂଳେ ଏକତ୍ରିତ ହୁଅନ୍ତି। ଏହି ସାମୂହିକ ଏକତ୍ରୀକରଣ ଏବଂ ସାର୍ବଜନୀନ ଭକ୍ତିର ସବୁଠାରୁ ବଡ଼ ଦୃଶ୍ୟମାନ ତଥା କଳାତ୍ମକ ଅଭିବ୍ୟକ୍ତି ହେଉଛି 'ପଞ୍ଚବର୍ଣ୍ଣ ମୁରୁଜ'ର ଅଙ୍କନ। ଏହି ମୁରୁଜ କେବଳ ଭୂମି ସଜ୍ଜୀକରଣର ଏକ ମାଧ୍ୟମ ନୁହେଁ, ବରଂ ଏହା ଏକ ପାରମ୍ପରିକ ଜ୍ଞାନକୋଷ, ଯାହା ମଧ୍ୟରେ ଓଡ଼ିଶାର ଜୈବ-ବିବିଧତା, ଆଦିମ ଆଭିଚାରିକ ଚିନ୍ତାଧାରା ଏବଂ ଶାସ୍ତ୍ରୀୟ ଧ୍ୟାନ ପ୍ରକ୍ରିୟା ଲୁଚି ରହିଛି।

**କାର୍ତ୍ତିକ ବ୍ରତର ବିଶେଷ ସାଂସ୍କୃତିକ ମୁରୁଜ ଚିତ୍ରାବଳୀ ଓ ତା'ର ଗବେଷଣାତ୍ମକ ମୂଲ୍ୟ**

କାର୍ତ୍ତିକ ମାସର ପ୍ରତିଦିନ ପାରମ୍ପରିକ ଭାବେ ଭିନ୍ନ ଭିନ୍ନ ଛୋଟ ମୁରୁଜ ଅଙ୍କାଯାଉଥିଲେ ହେଁ, ମାସର ଶେଷ ପାଞ୍ଚଦିନ ଅର୍ଥାତ୍ 'ପଞ୍ଚୁକ' (ଯାହାକୁ ଶାସ୍ତ୍ରରେ ଭୀଷ୍ମ ପଞ୍ଚକ କୁହାଯାଏ) ସମୟରେ ଅତି ବୃହତ୍ ଏବଂ ଜଟିଳ ମୁରୁଜମାନ ଅଙ୍କନ କରାଯାଏ। ଏହି ସମୟର ପ୍ରମୁଖ ଚିତ୍ରଗୁଡ଼ିକର ବିଶ୍ଳେଷଣ ନିମ୍ନରେ ପ୍ରଦତ୍ତ ହେଲା:

**କ) ବଡ଼ ଓଷା ମୁରୁଜ** - ପଞ୍ଚୁକର ତୃତୀୟ ଦିନ ବା ତ୍ରୟୋଦଶୀ ତିଥିରେ ଓଡ଼ିଶାରେ 'ବଡ଼ ଓଷା' ପାଳନ କରାଯାଏ, ଯାହା ମୁଖ୍ୟତଃ ମହାଦେବ ଶିବଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ଏହି ଦିନ ତୁଳସୀ ଚଉରା ମୂଳେ ଏକ ବିଶାଳ ପଦ୍ମ ମଣ୍ଡଳ କରାଯାଇ ତା' ଉପରେ ଶିବ-ପାର୍ବତୀଙ୍କ ବାହନ ବୃଷଭ, ତ୍ରିଶୂଳ, ଡମ୍ବରୁ ଏବଂ କୈଳାସ ପର୍ବତର ସାଂସ୍କୃତିକ ରୂପକଳ୍ପ ଅଙ୍କାଯାଏ। ଏହା ଓଡ଼ିଶାରେ ହରି-ହର (ବୈଷ୍ଣବ ଓ ଶୈବ ସଂସ୍କୃତି) ର ସମନ୍ୱୟକୁ ସୂଚିତ କରେ।F

**ଖ) ଆକାଶଦୀପ ମୁରୁଜ** - କାର୍ତ୍ତିକ ମାସରେ ଗୃହର ପ୍ରାଙ୍ଗଣରେ ଏକ ଦୀର୍ଘ ବାଉଁଶ ସାହାଯ୍ୟରେ ଶୂନ୍ୟକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଝୁଲାଇବାର ପରମ୍ପରା ରହିଛି, ଯାହାକୁ 'ଆକାଶଦୀପ' କୁହାଯାଏ। ନୃତାତ୍ତ୍ୱିକ ବିଶ୍ୱାସ ଅନୁସାରେ, ଏହି ସମୟରେ ମର୍ତ୍ତ୍ୟଲୋକକୁ ଆସୁଥିବା ପିତୃପୁରୁଷମାନଙ୍କ ଆତ୍ମାକୁ ସ୍ୱର୍ଗଲୋକର ମାର୍ଗ ଦେଖାଇବା ପାଇଁ ଏହି ଦୀପ ଉଦ୍ଦିଷ୍ଟ। ଚଉରା ମୂଳେ ମୁରୁଜ ଅଙ୍କନ କରିବା ସମୟରେ ସୂକ୍ଷ୍ମ ଭାବେ ଏକ ବାଉଁଶ ଗଛ ଏବଂ ତା' ଉପରେ ଝୁଲୁଥିବା ପ୍ରଦୀପର ଚିତ୍ର ଅଙ୍କାଯାଏ, ଯାହା ଆଦିମ ଆତ୍ମା-ବାଦର ଏକ ଜୀବନ୍ତ ସ୍ମାରକୀ।

**ଗ) ବୋଇତ ବନ୍ଦାଣ ମୁରୁଜ (କାର୍ତ୍ତିକ ପୂର୍ଣ୍ଣିମା)**

କାର୍ତ୍ତିକ ପୂର୍ଣ୍ଣିମା ଦିନ ମୁରୁଜର ସ୍ୱରୂପ ସମ୍ପୂର୍ଣ୍ଣ ରୂପେ ଆଧ୍ୟାତ୍ମିକତାରୁ ରୂପାନ୍ତରିତ ହୋଇ ଓଡ଼ିଶାର ପ୍ରାଚୀନ ଗୌରବମୟ ନୌବାଣିଜ୍ୟ ଇତିହାସକୁ ଉଜ୍ଜୀବିତ କରେ। ଏହି ଦିନ ମହିଳାମାନେ ମୁରୁଜରେ ଅତି ନିପୁଣତାର ସହ 'ବୋଇତ' (ସାଧବମାନଙ୍କର ବୃହତ୍ ବାଣିଜ୍ୟ ତରଣୀ) ଅଙ୍କନ କରାଯାଏ, ଯେଉଁଥିରେ ସାତଟି ମାସ୍ତୁଲ୍, ପାଲ ଏବଂ ଶୀର୍ଷରେ ଉଡୁଥିବା ପତାକାର ଚିତ୍ର ଥାଏ। ଏହି ବୋଇତ ଚାରିପାଖରେ ପାଣିର ଢେଉ, ମାଛ, କାଉଡ଼ି ଏବଂ ସାଧବ ବୋହୂମାନେ ହାତରେ ଦୀପ ଧରି ବନ୍ଦାପନା କରୁଥିବାର ଦୃଶ୍ୟ ଅଙ୍କିତ ହୁଏ। ଏହା ପ୍ରମାଣ କରେ ଯେ, ଓଡ଼ିଶାର ଲୋକକଳା କେବଳ କାଳ୍ପନିକ ଦେବତାଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଉତ୍କଳୀୟ ଜାତିର ଅତୀତର ଅର୍ଥନୈତିକ ସମୃଦ୍ଧି ଓ ସାମୁଦ୍ରିକ ବିଜୟର ଏକ ଦୃଶ୍ୟମାନ ସାଂସ୍କୃତିକ ଦଲିଲ୍।

**ସାମାଜିକ ସଂହତି ଏବଂ ମନୋବୈଜ୍ଞାନିକ ସେତୁ**

ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ, କାର୍ତ୍ତିକ ମୁରୁଜ ପରମ୍ପରା ଓଡ଼ିଶାର ପାରମ୍ପରିକ ଗ୍ରାମୀଣ ସମାଜରେ ଏକ ବିଶେଷ ସାମାଜିକ ସଂହତି ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ପ୍ରାଚୀନ ସମାଜରେ ବିଧବା ମହିଳାମାନଙ୍କୁ ସାଧାରଣତଃ ମାଙ୍ଗଳିକ ବା ଶୁଭକାର୍ଯ୍ୟରୁ ଦୂରେଇ ରଖାଯାଉଥିଲା, ମାତ୍ର କାର୍ତ୍ତିକ ମାସର ଏହି ମୁରୁଜ ସେବା ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସମ୍ମାନର ସହ ସ୍ଥାପିତ କରୁଥିଲା। ସେମାନଙ୍କ ହସ୍ତରୁ ନିସୃତ ମୁରୁଜର ସୂକ୍ଷ୍ମତାକୁ ଦେଖିବା ପାଇଁ ଏବଂ ତା'ର ପବିତ୍ରତାକୁ ସ୍ୱୀକାର କରିବା ପାଇଁ ଗ୍ରାମର କୋଣ ଅନୁକୋଣରୁ ଲୋକମାନେ ଆସୁଥିଲେ। ଏହି କଳା


© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମାଧ୍ୟମରେ ସେମାନଙ୍କର ବ୍ୟକ୍ତିଗତ ବେଦନା ଓ ଏକାକୀପଣ ସାଂସ୍କୃତିକ ସୃଜନଶୀଳତାରେ ରୂପାନ୍ତରିତ ହେଉଥିଲା। ତେଣୁ, ଓଡ଼ିଶାର ଝୋଟି, ଚିତା ଓ ମୁରୁଜ କେବଳ ଚକ୍ଷୁର ପ୍ରୀତି ସାଧନ କରେନାହିଁ, ବରଂ ଏହା ଓଡ଼ିଆ ଜନମାନସର ସାମାଜିକ ବୈଷମ୍ୟକୁ ଦୂର କରି ସାର୍ବଜନୀନ ଭାବର ଏକ ଅପୂର୍ବ ସେତୁ ନିର୍ମାଣ କରିଆସିଛି।

**ଓଡ଼ିଶାର ପ୍ରମୁଖ ଓଷାବ୍ରତ- ଚିତାଲାଗି, ସୁଦଶା ବ୍ରତ, ପ୍ରଥମାଷ୍ଟମୀ ଓ ଶାମ୍ବ ଦଶମୀ ଚିତାର ନୃତାତ୍ତ୍ୱିକ ସମୀକ୍ଷା**

**୧. ଚିତାଲାଗି ଅମାବାସ୍ୟା**:

ଶ୍ରାବଣ ମାସର ଅମାବାସ୍ୟା ତିଥିକୁ ଓଡ଼ିଶାରେ 'ଚିତାଲାଗି ଅମାବାସ୍ୟା' ବା 'ଚିତଉ ଅମାବାସ୍ୟା' ଭାବେ ପାଳନ କରାଯାଏ। ନୃତତ୍ତ୍ୱ ବିଜ୍ଞାନ ଦୃଷ୍ଟିକୋଣରୁ ଏହି ପର୍ବଟି ଶ୍ରୀଜଗନ୍ନାଥ ସଂସ୍କୃତିର ଶାସ୍ତ୍ରୀୟତା ସହିତ ଓଡ଼ିଶାର ଆଦିମ କୃଷିଭିତ୍ତିକ ଆଭିଚାରର ଏକ ଅପୂର୍ବ ମିଶ୍ରଣ। ଏହି ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମସ୍ତକରେ ସ୍ୱର୍ଣ୍ଣ, ହୀରା ଓ ନୀଳା ନିର୍ମିତ ଶୁଭ୍ର 'ଚିତା' ଲାଗି କରାଯାଏ। ଏହି ଶାସ୍ତ୍ରୀୟ ବିଧିର ପ୍ରତିଫଳନ ସ୍ୱରୂପ ଗ୍ରାମୀଣ ଓଡ଼ିଶାର ପ୍ରତିଟି ଗୃହରେ ଚାଉଳ ପିଠଉର ବିଶେଷ ଚିତା ପକାଯାଏ।

ଏହି ଦିନର ଚିତାରେ ଏକ ସ୍ୱତନ୍ତ୍ର ନୃତାତ୍ତ୍ୱିକ ଦିଗ ଦେଖିବାକୁ ମିଳେ, ଯାହାକୁ 'ଗେଣ୍ଡେଇ କଟା ଚିତା' କୁହାଯାଏ। ଶ୍ରାବଣ ମାସରେ ବିଲରେ ପ୍ରଚୁର ଜଳ ଜମି ରହିବା ଯୋଗୁଁ କୃଷକମାନେ ଯେତେବେଳେ ଧାନ ରୁଆ କାମ ପାଇଁ ବିଲକୁ ଯାଆନ୍ତି, ସେତେବେଳେ ଜଳ ମଧ୍ୟରେ ଥିବା ଗେଣ୍ଡା, ଶାମୁକା କିମ୍ବା ଜୋକ ଆଦି ସେମାନଙ୍କ ଗୋଡ଼କୁ କ୍ଷତବିକ୍ଷତ କରିବାର ଭୟ ଥାଏ। ଏହି କୀଟପତଙ୍ଗ ଓ ଜଳଚର ଜୀବଙ୍କ କୋପରୁ ନିଜର ପରିବାର ଓ କୃଷିଜୀବୀମାନଙ୍କୁ ରକ୍ଷା କରିବା ପାଇଁ ଘରର ଚଟାଣରେ ପିଠଉରେ ଗେଣ୍ଡା, ଶାମୁକା ଓ ବେଙ୍ଗର ଆକୃତିର 'ପ୍ରତିଷେଧକ ଚିତା' ଅଙ୍କାଯାଏ ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା ଅର୍ପଣ କରାଯାଏ। ନୃତତ୍ତ୍ୱରେ ଏହାକୁ 'ଟୋଟେମ୍‌ବାଦ' କିମ୍ବା ପ୍ରକୃତିର ଭୟଙ୍କର ରୂପକୁ ପ୍ରେମ ଓ ଶ୍ରଦ୍ଧାର ସହ ବଶୀଭୂତ କରିବାର ପ୍ରାଚୀନ ମାନସିକତା ବୋଲି କୁହାଯାଏ।

**୨. ସୁଦଶା ବ୍ରତ:**

ଓଡ଼ିଶାର ନାରୀ ସମାଜ ମଧ୍ୟରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରେ 'ସୁଦଶା ବ୍ରତ'ର ଏକ ବିଶେଷ ସାମାଜିକ ଗୁରୁତ୍ୱ ରହିଛି। ଶୁକ୍ଳପକ୍ଷ ଦଶମୀ ତିଥି ସହିତ ଗୁରୁବାରର ସଂଯୋଗ ଘଟିଲେ ଏହି ବ୍ରତ ପାଳିତ ହୁଏ। ଏହି ବ୍ରତ ସମ୍ପୂର୍ଣ୍ଣ ଭାବେ 'ଦଶ' (୧୦) ସଂଖ୍ୟାର ଗାଣିତିକ ଏବଂ ଜ୍ୟାମିତିକ ସମମିତି ଉପରେ ଆଧାରିତ। ଏହି ଦିନ ପୂଜାସ୍ଥଳରେ ଯେଉଁ ଚିତା ଅଙ୍କନ କରାଯାଏ, ତାହା ଓଡ଼ିଶାର ପାରମ୍ପରିକ 'ଚିହ୍ନ ବିଜ୍ଞାନ'ର ସର୍ବୋତ୍ତମ ଉଦାହରଣ। ଦଶପଦ୍ମ ମଣ୍ଡଳ: ଚିତାରେ ଏକ ବୃହତ୍ ବର୍ଗକ୍ଷେତ୍ର ମଧ୍ୟରେ ଦଶଟି ପାଖୁଡ଼ାବିଶିଷ୍ଟ ପଦ୍ମ କିମ୍ବା ଦଶଟି ପୃଥକ ପଦ୍ମଫୁଲର ଚିତ୍ର ଅଙ୍କାଯାଏ, ଯାହା ସୃଷ୍ଟିର ଦଶଟି ଦିଗ (ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଐଶାନ୍ୟ, ଅଗ୍ନି, ନୈରୁତ, ବାୟୁ, ଊର୍ଦ୍ଧ୍ୱ ଓ ଅଧଃ) କୁ ସୂଚିତ କରେ। ପୂଜା ପୀଠର ଚାରିପାଖରେ ଦେବୀ ମହାଲକ୍ଷ୍ମୀଙ୍କର ଦଶଟି ପାଦଚିହ୍ନ ଅଙ୍କନ କରାଯାଏ। ମହିଳାମାନେ ହାତରେ ବାନ୍ଧୁଥିବା ଦଶଗଣ୍ଠିଆ ହଳଦୀ ରଙ୍ଗର ସୂତା ବା ବ୍ରତର ପ୍ରତିଛବି ମଧ୍ୟ ଚିତାରେ ସ୍ଥାନ ପାଇଥାଏ। ନୃତାତ୍ତ୍ୱିକ ଦୃଷ୍ଟିକୋଣରୁ, ସୁଦଶା ବ୍ରତର ଚିତା ମାନବ ଜୀବନର 'ଦଶା' ବା ଭାଗ୍ୟକୁ ସୁଧାରିବାର (ସୁ-ଦଶା) ଏକ କଳାତ୍ମକ ପ୍ରୟାସ। ପରିବାରର ସୁରକ୍ଷା ପାଇଁ ଦଶଦିଗର ଶକ୍ତିକୁ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଆବାହନ କରିବା ହିଁ ଏହି ଜ୍ୟାମିତିକ ଚିତାର ମୂଳ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ।

**୩. ପ୍ରଥମାଷ୍ଟମୀ:**

ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଓଡ଼ିଶାର ପ୍ରତ୍ୟେକ ପରିବାରରେ 'ପ୍ରଥମାଷ୍ଟମୀ' ପାଳନ କରାଯାଏ। ଏହି ପର୍ବର ନୃତାତ୍ତ୍ୱିକ ବିଶେଷତ୍ୱ ହେଉଛି ଏହା ପରିବାରର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ସନ୍ତାନ (ସେ ପୁତ୍ର ହେଉ ବା କନ୍ୟା) ର ଦୀର୍ଘାୟୁ ଓ ସମୃଦ୍ଧି କାମନା ପାଇଁ ଉଦ୍ଦିଷ୍ଟ। ପାରମ୍ପରିକ ଓଡ଼ିଆ ସମାଜରେ ଜ୍ୟେଷ୍ଠ ସନ୍ତାନ ହିଁ ପରବର୍ତ୍ତୀ ସମୟରେ ବଂଶର ମେରୁଦଣ୍ଡ ଏବଂ ଗାର୍ହସ୍ଥ୍ୟ ଦାୟିତ୍ୱ ଗ୍ରହଣ କରୁଥିବାରୁ, ତା'ର ସାମାଜିକ ଗୁରୁତ୍ୱକୁ ଏହି ପର୍ବ ସମ୍ମାନ ପ୍ରଦାନ କରେ। ଏହି ଦିନ ଗୃହର ପୂଜାପୀଠରେ ଏବଂ ସିଂହଦ୍ୱାର ସମ୍ମୁଖରେ 'ଷଠୀ ଦେବୀ' (ମାତୃତ୍ୱ ଓ ଶିଶୁ ସୁରକ୍ଷାର ଦେବୀ) ଙ୍କ ଚିତା ସହିତ ବିଶେଷ ଭାବେ 'ଏଣ୍ଡୁରି ପିଠା'ର ଆଧାର ସଦୃଶ 'ହଳଦୀ ପତ୍ର'ର କାଳ୍ପନିକ ଚିତ୍ର ଅଙ୍କାଯାଏ। ଏହା ସହିତ ଏକ ସ୍ୱତନ୍ତ୍ର ଚିତା ପଡ଼େ, ଯାହାକୁ 'ବଂଶଲତା ଚିତା' କୁହାଯାଏ। ଏହି ଚିତାରେ ଏକ ମୂଳ ଶିଖରରୁ ଅନେକ ଶାଖାପ୍ରଶାଖା ଉପରକୁ ଉଠୁଥିବାର ଦର୍ଶାଯାଏ, ଯାହାର ଶୀର୍ଷରେ ଦୀପ କିମ୍ବା ଧାନ କେଣ୍ଡା ଥାଏ। ଏହି ଚିତ୍ରଟି ବଂଶର ନିରନ୍ତରତା, ଆୟୁଷ ବୃଦ୍ଧି ଏବଂ ପିଢ଼ି ପରେ ପିଢ଼ି ପରିବାରର ଅଭିବୃଦ୍ଧିକୁ ପ୍ରତିନିଧିତ୍ୱ କରେ, ଯାହା ମାନବ ସଭ୍ୟତାର 'ବଂଶାନୁକ୍ରମିକ ଅଧ୍ୟୟନ' ସହ ସମ୍ପୂର୍ଣ୍ଣ ସମାନ।

**୪. ଶାମ୍ବ ଦଶମୀ:**

ପୌଷ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଓଡ଼ିଶାରେ 'ଶାମ୍ବ ଦଶମୀ' ପାଳନ କରାଯାଏ। ପୁରାଣ ବର୍ଣ୍ଣିତ କଥା ଅନୁସାରେ, ଶ୍ରୀକୃଷ୍ଣଙ୍କ ପୁତ୍ର ସାମ୍ବ କୁଷ୍ଠରୋଗରୁ ମୁକ୍ତି ପାଇବା ପାଇଁ କୋଣାର୍କର ମୈତ୍ରେୟ ବନରେ ସୂର୍ଯ୍ୟଦେବଙ୍କ କଠୋର ତପସ୍ୟା କରିଥିଲେ ଏବଂ ଆରୋଗ୍ୟ ଲାଭ କରିଥିଲେ। ନୃତତ୍ତ୍ୱ ଓ ଭୌଗୋଳିକ ଦୃଷ୍ଟିକୋଣରୁ, ପୌଷ ମାସର ଶୀତଦିନେ ସୂର୍ଯ୍ୟଙ୍କର କୋମଳ କିରଣ ମାନବ ଶରୀର ପାଇଁ ଅତ୍ୟନ୍ତ ଉପକାରୀ ହୋଇଥିବାରୁ ଏହି ସମୟରେ 'ସୂର୍ଯ୍ୟ ଉପାସନା' ଏବଂ ସୌର ଶକ୍ତିର ଆରାଧନା କରାଯାଏ। ଶାମ୍ବ ଦଶମୀ ଦିନ ଅଗଣାରେ କିମ୍ବା ଚଉରା ମୂଳେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଚାଉଳ ପିଠଉରେ ଏକ ବୃହତ୍ 'ସୂର୍ଯ୍ୟ ମଣ୍ଡଳ ଚିତା' ଅଙ୍କନ କରାଯାଏ। ଏହି ଚିତାର ଗଠନ ନିମ୍ନଲିଖିତ ପ୍ରତୀକକୁ ବହନ କରେ । ସୂର୍ଯ୍ୟ ଚିତାର କେନ୍ଦ୍ରରେ ପଦ୍ମଫୁଲ ଉପରେ ସୂର୍ଯ୍ୟଦେବଙ୍କ ସପ୍ତାଶ୍ୱ (ସାତୋଟି ଘୋଡ଼ା, ଯାହା ଆଲୋକର ସାତୋଟି ରଙ୍ଗକୁ ସୂଚିତ କରେ)ର କାଳ୍ପନିକ ରୂପ ଦିଆଯାଏ। ଏହି ଚିତା ସମ୍ମୁଖରେ ଓଡ଼ିଶାର ମହିଳାମାନେ ପରିବାରର ସମସ୍ତ ସଦସ୍ୟଙ୍କ ନାମରେ ପୃଥକ ପୃଥକ ଭୋଗ (ଖେଚୁଡ଼ି, ପିଠା, ଫଳାହାର) ବାଢ଼ିଥାନ୍ତି। ଏହି ପରମ୍ପରା ସୂଚାଇଦିଏ ଯେ, ଝୋଟି ଏବଂ ଚିତା କେବଳ ଘର ଭିତରର ଆଭ୍ୟନ୍ତରୀଣ କଳା ନୁହେଁ, ବରଂ ଏହା ମହାଜାଗତିକ ଶକ୍ତି ସହିତ ମାନବର ସ୍ୱାସ୍ଥ୍ୟ ଏବଂ ଆୟୁଷକୁ ଯୋଡ଼ିବାର ଏକ ବୈଜ୍ଞାନିକ ମାଧ୍ୟମ।

**ନୃତାତ୍ତ୍ୱିକ ନିଷ୍କର୍ଷ: ଋତୁଚକ୍ର ଓ ଲୋକକଳାର ସମ୍ବନ୍ଧ**

ଓଡ଼ିଶାର ବିଭିନ୍ନ ଓଷାବ୍ରତରେ ବ୍ୟବହୃତ ହେଉଥିବା ଚିତାଗୁଡ଼ିକର ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଏଗୁଡ଼ିକ ପ୍ରକୃତିର 'ଋତୁଚକ୍ର' ସହିତ ସମାନ୍ତରାଳ ଭାବେ ଗତି କରନ୍ତି। ଶ୍ରାବଣର ଜଳମଗ୍ନ ବିଲରୁ ଆରମ୍ଭ କରି ପୌଷର ଶୀତକାଳୀନ ସୂର୍ଯ୍ୟକିରଣ ପର୍ଯ୍ୟନ୍ତ—ପ୍ରତ୍ୟେକ ସମୟର ଭୌଗୋଳିକ ଓ ଜୈବିକ ଆବଶ୍ୟକତା ଅନୁଯାୟୀ ଚିତାର ରୂପ ବଦଳିଥାଏ। ଓଡ଼ିଶାର ନାରୀ ସମାଜ କୌଣସି ଆଧୁନିକ ବୈଜ୍ଞାନିକ ଉପକରଣ ବିନା କେବଳ ଚାଉଳ ପିଠଉର ସୂକ୍ଷ୍ମ ରେଖା ମାଧ୍ୟମରେ ପ୍ରକୃତିର ଏହି ଜଟିଳ ନିୟମଗୁଡ଼ିକୁ ଅତି ସହଜରେ ପାଳନ କରିଆସୁଛନ୍ତି, ଯାହା ସେମାନଙ୍କର ଉଚ୍ଚ ସାଂସ୍କୃତିକ ଜ୍ଞାନର ସ୍ପଷ୍ଟ ପ୍ରମାଣ।

**ଝୋଟି, ଚିତା ଓ ମୁରୁଜ ସହିତ ଜନଜାତି (ଆଦିବାସୀ) କଳାର ସହ-ସମ୍ପର୍କ: ଏକ ତୁଳନାତ୍ମକ ନୃତାତ୍ତ୍ୱିକ ଅଧ୍ୟୟନ**

**୧. ଆର୍ଯ୍ୟ ଓ ଆର୍ଯ୍ୟେତର ସଂସ୍କୃତିର ସମନ୍ୱୟ ଭିତ୍ତି**

ଓଡ଼ିଶାର ସାଂସ୍କୃତିକ ନୃତତ୍ତ୍ୱ (Cultural Anthropology) ର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି, ଏଠାରେ ଆର୍ଯ୍ୟ ପରମ୍ପରା ଏବଂ ଆର୍ଯ୍ୟେତର ବା ଆଦିମ ଜନଜାତି


© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

(Tribal) ପରମ୍ପରା ପରସ୍ପରଠାରୁ ପୃଥକ ହୋଇ ରହିନାହାନ୍ତି, ବରଂ ଶତାବ୍ଦୀ ଶତାବ୍ଦୀ ଧରି ଏକାଠି ଚାଲି ଆସିଛନ୍ତି। ଏହି ସମନ୍ୱୟର ସର୍ବଶ୍ରେଷ୍ଠ ଜୀବନ୍ତ ଉଦାହରଣ ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ, ଯିଏ ଶବର ଦେବତା 'ନୀଳମାଧବ'ଙ୍କଠାରୁ ଆସି ପରବର୍ତ୍ତୀ ସମୟରେ ବ୍ରାହ୍ମଣ୍ୟ ସଂସ୍କୃତିର ପରମେଶ୍ୱର ଭାବେ ଗୃହୀତ ହୋଇଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ଭଳି ଓଡ଼ିଶାର ଗାର୍ହସ୍ଥ୍ୟ ଲୋକକଳା ଅର୍ଥାତ୍ ଝୋଟି, ଚିତା ଏବଂ ମୁରୁଜର ମୂଳ ଉତ୍ସ ମଧ୍ୟ ଓଡ଼ିଶାର ସୁଦୂର ଅତୀତର ଜନଜାତିଙ୍କ କାନ୍ଥଚିତ୍ର ଏବଂ ଭୂମିଚିତ୍ର ମଧ୍ୟରେ ଲୁଚି ରହିଛି। ଆଦିମ ମାନବ ଯେତେବେଳେ ପ୍ରକୃତିର ଅଜ୍ଞାତ ଶକ୍ତିକୁ ନିଜର ବଶୀଭୂତ କରିବା ପାଇଁ ଗୁହାର କାନ୍ଥରେ ବିଭିନ୍ନ ଚିହ୍ନ ଆଙ୍କୁଥିଲା, ତାହା ହିଁ କାଳକ୍ରମେ ପରିମାର୍ଜିତ ହୋଇ ପଲ୍ଲୀ ଅଗଣାର ଝୋଟି ଏବଂ ପୂଜାମଣ୍ଡପର ମୁରୁଜରେ ରୂପାନ୍ତରିତ ହୋଇଛି। ଓଡ଼ିଶାର ତିନୋଟି ପ୍ରମୁଖ ଜନଜାତି ଯଥା- ଲାଞ୍ଜିଆ ସଉରା, ସାନ୍ତାଳ ଏବଂ କନ୍ଧ ଜନଜାତିଙ୍କ କଳାତ୍ମକ ପରମ୍ପରା ସହିତ ସାଧାରଣ ଓଡ଼ିଆ ଗୃହର ଚିତାକଳାର ସଂରଚନାତ୍ମକ ସମାନତା ରହିଛି।

ନୃତାତ୍ତ୍ୱିକ ଅଧ୍ୟୟନରୁ ଏହା ସମ୍ପୂର୍ଣ୍ଣ ପ୍ରମାଣିତ ହୁଏ ଯେ, ଓଡ଼ିଶାର ଝୋଟି, ଚିତା ଓ ମୁରୁଜ କୌଣସି ଆଦ୍ୟ-ଐତିହାସିକ ଉଚ୍ଚ ସମାଜର ଏକଛତ୍ର ସୃଷ୍ଟି ନୁହେଁ। ଏହା ମାଟି, ଜଙ୍ଗଲ, ପାହାଡ଼ ଏବଂ କୃଷିକ୍ଷେତ୍ରରୁ ଜନ୍ମ ନେଇଥିବା ଏକ ଗଣ-କଳା (Folk Art)। ଜନଜାତିଙ୍କ କାନ୍ଥଚିତ୍ରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ପରବର୍ତ୍ତୀ ସମୟରେ ଓଡ଼ିଆ ଓଷାବ୍ରତ ମାଧ୍ୟମରେ ସଂସ୍କୃତିର ମୁଖ୍ୟ ସ୍ରୋତ ସହ ସଂଯୋଜିତ ହୋଇଛି। ତେଣୁ, ଏହି ଲୋକକଳା ହେଉଛି ଓଡ଼ିଶାର ସାମାଜିକ ବିଭେଦତା ମଧ୍ୟରେ ଅଭିନ୍ନତା ଏବଂ ଜନଜାତି ଓ ଆର୍ଯ୍ୟ ସଂସ୍କୃତି ମଧ୍ୟରେ ଥିବା ଏକ ନିବିଡ଼ ଐତିହାସିକ ସେତୁ।

ଓଡ଼ିଶାର ଝୋଟି, ଚିତା ଓ ମୁରୁଜର ସାଂସ୍କୃତିକ ତଥା ନୃତାତ୍ତ୍ୱିକ ଅଧ୍ୟୟନରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଏହି କଳାଗୁଡ଼ିକ କେବଳ ଚଟାଣ ବା କାନ୍ଥ ଉପରେ କରାଯାଉଥିବା ସାଧାରଣ ଚିତ୍ରାଙ୍କନ ନୁହନ୍ତି। ଏହା ହେଉଛି ଓଡ଼ିଆ ଜାତିର ଦାର୍ଶନିକ ଚେତନା, ପ୍ରାକୃତିକ ପରିବେଶ ବିଜ୍ଞାନ, କୃଷି ଅର୍ଥନୀତି ଏବଂ ସାମାଜିକ ସଂହତିର ଏକ ଅପୂର୍ବ ମୂର୍ତ୍ତିମନ୍ତ ସ୍ୱରୂପ। ଆଦିମ ଜନଜାତିଙ୍କ କୁହୁକଭିତ୍ତିକ କାନ୍ଥଚିତ୍ରରୁ ଜନ୍ମ ନେଇ, କାଳକ୍ରମେ ସାରଳା ଦାସ ଓ ପଞ୍ଚସଖାଙ୍କ ସାହିତ୍ୟିକ ସାଧନାରେ ସମୃଦ୍ଧ ହୋଇ, ଓଡ଼ିଶାର ପ୍ରତ୍ୟେକ ଓଷାବ୍ରତ ମଧ୍ୟ ଦେଇ ଏହି କଳା ଓଡ଼ିଆ ଜନମାନସର ଅଭିନ୍ନ ଅଙ୍ଗ ପାଲଟିଛି। ଏହା ସମାଜର ଜାତିଗତ ଓ ବ୍ୟକ୍ତିଗତ ବୈଷମ୍ୟକୁ ଦୂର କରି ନାରୀ ସମାଜକୁ ଏକ ଉଚ୍ଚ ମାନସିକ ଓ କଳାତ୍ମକ ପୀଠ ପ୍ରଦାନ କରିଆସିଛି। ଆଧୁନିକତା ଏବଂ ଯାନ୍ତ୍ରିକ ସଭ୍ୟତାର ତୀବ୍ର ପ୍ରବାହ ମଧ୍ୟରେ ଏହି ପବିତ୍ର ମାଟିର ପରମ୍ପରାକୁ ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆର ପରମ କର୍ତ୍ତବ୍ୟ। ଝୋଟିର ପ୍ରତ୍ୟେକଟି ସୂକ୍ଷ୍ମ ରେଖା ଏବଂ ମୁରୁଜର ପଞ୍ଚବର୍ଣ୍ଣ ମଧ୍ୟରେ ହିଁ ଆମ ମାଟିର ପ୍ରକୃତ ପ୍ରାଣ ସ୍ପନ୍ଦିତ ହେଉଛି ଏବଂ ଏହାର ସୁରକ୍ଷା ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ସୁରକ୍ଷା। ଏହାକୁ ସଂରକ୍ଷିତ କରିବା କେବଳ ଏକ କଳାର ସୁରକ୍ଷା ନୁହେଁ, ବରଂ ଆମ ନିଜ ପରିଚୟ, ଆମ ଚେର ଓ ଆମ ସାଂସ୍କୃତିକ ଜୀବନ-ଦର୍ଶନକୁ ସୁରକ୍ଷିତ ରଖିବାର ଏକ ନୈତିକ ଦାୟିତ୍ୱ। ଭବିଷ୍ୟତରେ ଏହି ବିଷୟ ଉପରେ ଆହୁରି ଗବେଷଣାର ଅବକାଶ ରହିଛି। ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଚିତ୍ରକଳା ସହିତ ଝୋଟି-ଚିତାର ବିସ୍ତୃତ ତୁଳନାତ୍ମକ ଅଧ୍ୟୟନ, ଏହାର ମନସ୍ତାତ୍ତ୍ୱିକ ଦିଗ ଏବଂ ଏହାର ଗାଣିତିକ ଓ ଜ୍ୟାମିତିକ ବିନ୍ୟାସ ଉପରେ ଗବେଷଣା କରାଯାଇପାରେ। କାରଣ ଏହି ରେଖା ଓ ରଙ୍ଗ ଭିତରେ ହିଁ ଓଡ଼ିଶାର ପ୍ରକୃତ ଆତ୍ମା ବାସ କରେ। ଓଡ଼ିଶାର ଝୋଟି, ଚିତା ଓ ମୁରୁଜ କେବଳ କେତୋଟି ସାଜସଜ୍ଜାର ମାଧ୍ୟମ ନୁହେଁ, ବରଂ ଏହା ଓଡ଼ିଆ ସଂସ୍କୃତି, ବିଶ୍ୱାସ ଓ ଜୀବନ-ଦର୍ଶନର ଏକ ଜୀବନ୍ତ, ନୀରବ ସଂଗ୍ରହାଳୟ। ଏହାର ପ୍ରତିଟି ରେଖାରେ ଇତିହାସର ପଦଚିହ୍ନ, ପ୍ରତିଟି ପ୍ରତୀକରେ ବିଶ୍ୱାସର ଗଭୀରତା ଏବଂ ପ୍ରତିଟି ରଙ୍ଗରେ ଦର୍ଶନର ଆଭାସ ଲୁଚି ରହିଛି। ଆମେ ଏହି ଗବେଷଣାରେ ଦେଖିଲୁ ଯେ, ଏହା କିପରି ଏକ କୃଷିଭିତ୍ତିକ ସମାଜର ପ୍ରକୃତି ସହ ସମ୍ପର୍କ, ନାରୀର ସୃଜନଶୀଳ ସ୍ୱାଧୀନତା, ପରିବାରର ମଙ୍ଗଳକାମନା ଏବଂ ଗଭୀର ଆଧ୍ୟାତ୍ମିକତାର ଏକ ସାମଗ୍ରିକ ପ୍ରତିଫଳନ। ଆଧୁନିକତାର ପ୍ରବଳ ସ୍ରୋତରେ ଏହି ମୂଲ୍ୟବାନ କଳାଗୁଡ଼ିକ ହୁଏତ ସଙ୍କଟାପନ୍ନ, କିନ୍ତୁ ଏହାର ଆତ୍ମା ଏବେବି ଓଡ଼ିଶାର ଗାଁ ଗହଳିର ମାଟିରେ ଜୀବନ୍ତ।

### ସହାୟକ ଗ୍ରନ୍ଥସୂଚୀ


1. ପଟ୍ଟନାୟକ, ଦୁର୍ଗାଚରଣ. *ଓଡ଼ିଶାର ଲୋକକଳା ଓ ଲୋକସଂସ୍କୃତି.* ଭୁବନେଶ୍ୱର।
2. ମହାନ୍ତି, ଜାନକୀ ବଲ୍ଲଭ. *ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଇତିହାସ.* କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।
3. ଦାସ, ସୂର୍ଯ୍ୟନାରାୟଣ. *ଓଡ଼ିଆ ସାହିତ୍ୟର ଇତିହାସ (ପ୍ରଥମ ଭାଗ).* କଟକ: ଗ୍ରନ୍ଥମନ୍ଦିର।
4. ମିଶ୍ର, ନୀଳମଣି. *ଓଡ଼ିଶାର ପର୍ବପର୍ବାଣି, ଓଷାବ୍ରତ ଓ ଯାନିଯାତ୍ରା.* ଭୁବନେଶ୍ୱର।
5. ମହାପାତ୍ର, ସୀତାକାନ୍ତ. *The Rites of Passage: A Study of the Folk Culture of Orissa.* Bhubaneswar: Institute of Odishan Studies।
6. ମହାନ୍ତି, ଗୋପୀନାଥ. *ଆଦିବାସୀ ସଂସ୍କୃତି ଓ ପରମ୍ପରା.* ଭୁବନେଶ୍ୱର: ନ୍ୟାସନାଲ ବୁକ୍ ଟ୍ରଷ୍ଟ।
7. ଦାସ, ବଳରାମ. *ମାଣବସା ଗୁରୁବାର ଲକ୍ଷ୍ମୀ ପୁରାଣ.* କଟକ: ଧର୍ମଗ୍ରନ୍ଥ ବୁକ୍ ଷ୍ଟୋର।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.ac



**About the Author**



**ସାହିଲ କୁମାର ନାୟକ** (ବୟସ ୨୪) ଜଣେ ନିଷ୍ଠାପର ଉଦୀୟମାନ ଯୁବ ଗବେଷକ। ସେ **BA-BEd** ଓ ଓଡ଼ିଆରେ **MA** ସହ ୪ ଥର **UGC-NET** ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ବ୍ରହ୍ମପୁର ଗଞ୍ଜାମରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ। ଲୋକସଂସ୍କୃତି ଓ ସାହିତ୍ୟତତ୍ତ୍ୱ କ୍ଷେତ୍ରରେ ତାଙ୍କର ବିଶେଷ ରୁଚି ଓ ପ୍ରଜ୍ଞା ରହିଛି। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ।




© 2026 ସାହିଲ କୁମାର ନାୟକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/